ଯେଉଁମାନେ ସମୟ ଓ ପରିସ୍ଥିତି ଅନୁଯାୟୀ ସାଂସ୍କୃତିକ ଆଧାର ଥିବା ଲିଙ୍ଗଗତ ପରିଚୟର ଧାରଣାକୁ ବିଶ୍ୱସ୍ତରରେ ପରିବର୍ତ୍ତନ କରିବାକୁ ଚେଷ୍ଟା କରୁଛନ୍ତି। ଚାଇନା, କୋରିଆ, ଜାପାନ ଭଳି ପୂର୍ବ ଏସୀୟ ଦେଶ ଏବଂ ଦକ୍ଷିଣ ପୂର୍ବ ଦେଶ ଭିଏତ୍‌ନାମ ୱାଲ ସିଟି ବା ପାଚେରିଘେରା ସହର ପାଇଁ ପ୍ରସିଦ୍ଧ। ଉଦାହରଣ ସ୍ୱରୂପ, ଚାଇନାର ଗ୍ରେଟ୍ ୱାଲ ଆଧୁନିକ ଯୁଗରେ ଚାଇନାର ଫାୟାରୱାଲ ପାଲଟି ଯାଇଛି। ଏହିସବୁ ଦେଶ ବିଦେଶୀଙ୍କୁ ସେମାନଙ୍କ ଦେଶରେ ପ୍ରବେଶ କରିବାକୁ ନ ଦେଇ ଅବଶିଷ୍ଟ ପୃଥିବୀରୁ ଅଲଗା ହୋଇ ରହିବାରେ ଏକ ଇତିହାସ ଅଛି। ଏହି ସବୁ ଦେଶ ସମେତ ପାଶ୍ଚାତ୍ୟର ଦେଶଗୁଡ଼ିକରେ ବିଶ୍ୱାସ ରହିଛି ଯେ, ତୁମେ କେବଳ ଥରେ ବଞ୍ଚିବ, ଅର୍ଥାତ୍ ଭବିଷ୍ୟତ ଜୀବନ ବା ପୁନର୍ଜୀବନ ନାହିଁ। କିନ୍ତୁ ପୁନର୍ଜନ୍ମ ଧାରଣା ଭାରତରେ ଅଛି, ଯାହା ଏହାର ଭିନ୍ନତାକୁ ଦର୍ଶାଏ।

ଭାରତୀୟ ବିଚାରଧାରାର ମୂଳ ତଥା ପ୍ରମୁଖ ଧାରଣା ହେଉଛି ପୁନର୍ଜନ୍ମ, ଯାହା ବୌଦ୍ଧଧର୍ମ, ଜୈନଧର୍ମ ଏବଂ ହିନ୍ଦୁଧର୍ମରେ ଅଛି। ପ୍ରାୟ ୨୫୦୦ ବର୍ଷ ପୂର୍ବେ ପୁନର୍ଜନ୍ମର କଥା ବିଭିନ୍ନ ରୂପରେ ପ୍ରସାରିତ ହେବାକୁ ଆରମ୍ଭ କରିଥିଲା। ଭଲ କର୍ମର ଫଳ ଭଲ ଓ ଖରାପ କର୍ମର ଫଳ ଖରାପ ଓ ତାହା ଭୋଗିବାକୁ ପଡ଼ିବ ବୋଲି ମୂଲ୍ୟାୟନ କରାଯାଇଛି। ସିଦ୍ଧାନ୍ତ ହେଉଛି ଯେତେବେଳେ ଭାଗ୍ୟ ଆସେ ସେତେବେଳେ ଜାଣିବ ତୁମର ଗୋଟିଏ ଜନ୍ମରେ ସଞ୍ଚିତ ଭଲ କର୍ମର ଫଳ ମିଳୁଛି। ଦୁର୍ଭାଗ୍ୟ ଯେତେବେଳେ ଆସିବ ଜାଣିବ ତୁମର କିଛି କୁକର୍ମର ଫଳ ଏହି ଜନ୍ମରେ ପ୍ରାପ୍ତ ହେଉଛି। ଯେତେବେଳେ ତୁମର କୌଣସ ଖରାପ କିମ୍ବା ଭଲ କର୍ମର ଫଳ ଭୋଗିବାକୁ ନ ଥାଏ ସେତେବେଳେ ଜନ୍ମ-ମୃତ୍ୟୁ ଚକ୍ରରୁ ଜୀବନ ମୁକ୍ତ ହୋଇଯାଏ। ଏହି ବିଚାରଧାରାରୁ ଅନୁମେୟ ଯେ, ଜୀବନ ଏକ ଲଗାତର ଯାତ୍ରା କିମ୍ବା ଅନେକ ଅଭିଜ୍ଞତାର ସମାହାର। ଏହାର କୌଣସି ଶେଷ ସ୍ତର ନାହିଁ, ଯାହା ଅତ୍ୟନ୍ତ ପ୍ରାସଙ୍ଗିକ। ଏହି ଦୃଷ୍ଟିରୁ ବିଚାର କଲେ ଭାରତୀୟ ଚିନ୍ତାଧାରା ଅନନ୍ୟ ମନେହୁଏ।

ସାଧାରଣତଃ ପାଶ୍ଚାତ୍ୟ ଖ୍ରୀଷ୍ଟିଆନ ଧର୍ମର ଦାର୍ଶନିକ ତଥା ଈଶ୍ୱରତତ୍ତ୍ୱ ଧାରଣା ପାଇଁ ଚାଇନା, କୋରିଆ, ଜାପାନ ଏବଂ ଭିଏତ୍‌ନାମ ସଂସ୍କୃତିଗୁଡ଼ିକର ଦ୍ୱାର ବନ୍ଦ। ହେଲେ ଭାରତୀୟମାନେ ତାହା କରି ନାହାନ୍ତି। ଭାରତୀୟମାନେ ଗୋଟିଏ ପ୍ରକାର ସିଦ୍ଧାନ୍ତକୁ ବିରୋଧ କରନ୍ତି। ଏଠାରେ ବିବିଧତାକୁ ସେମାନେ ଭଲ ପାଆନ୍ତି। ପରିଚାଳନା ଓ ନିୟନ୍ତ୍ରଣ ପାଇଁ ଭାରତରେ ଗୋଟିଏ ବୃହତ୍ ମାନକ ବ୍ୟବସ୍ଥା ବଦଳରେ ଅନେକ ପ୍ରକାରର ବୃହତ୍ ଓ କ୍ଷୁଦ୍ର ବ୍ୟବସ୍ଥା ସବୁ ଅଛି। ପୂର୍ବ ଏସୀୟଦେଶଗୁଡ଼ିକର ବିଦେଶୀ ସଂସ୍କୃତି ପ୍ରତି ଖୋଲାଖୋଲି ଭାବେ ବିଦ୍ୱେଷ ବା ଘୃଣା ଭାବ ରହିଛି। ଅନ୍ୟପକ୍ଷରେ ଭାରତରେ ଜାତିପ୍ରଥା, ରୀତିନୀତି ଶୁଦ୍ଧତାର ଚିନ୍ତାଧାରା, ଏପରି କି ଅନ୍ୟ ଲୋକଙ୍କ ଘରେ ନ ଖାଇବାର ଅହଂକାର ମାଧ୍ୟମରେ ଘୃଣାଭାବ ପ୍ରକଟିତ ହୋଇଥାଏ।

ସମାନତା ଏବଂ ନ୍ୟାୟକୁ ଗ୍ରହଣ କରୁଥିବା ବିଶ୍ୱ ସମସ୍ତଙ୍କ ପାଇଁ ଗ୍ରହଣୀୟ। ଲୋକମାନଙ୍କୁ ମନେପକାଇବାକୁ ହେବ ଯେ, ପାଶ୍ଚାତ୍ୟଦେଶଗୁଡ଼ିକର ବିଚାରଧାରା ଯୁକ୍ତିଯୁକ୍ତ ନୁହେଁ। ତେବେ ପାଶ୍ଚାତ୍ୟର ଚିନ୍ତାଧାରା ଇସ୍‌ଲାମ ଏବଂ ଖ୍ରୀଷ୍ଟିଆନ ଭଳି ରକ୍ଷଣଶୀଳ ଧର୍ମଗୁଡ଼ିକର ଉତ୍‌ଥାନକୁ ରୋକିବାରେ ବିଫଳ ହୋଇଛି; ଯାହା ମଧ୍ୟ ନ୍ୟାୟ ଏବଂ ସମାନତା ଉପରେ ବିଶ୍ୱାସ କରେ ବୋଲି ଦାବି ରଖେ ଏବଂ ଏସବୁ ଏକ ଉଚ୍ଚ ଧର୍ମୀୟ ଶାସନ ଦ୍ୱାରା ଅନୁମୋଦିତ। ପାଶ୍ଚାତ୍ୟ ବୈଶ୍ୱିକ ସ୍ତରରେ ପ୍ରୟୋଗ କରିବାକୁ ଚାହୁଁଥିବା ଖ୍ରୀଷ୍ଟଧର୍ମର ଦର୍ଶନ ଏବଂ ଈଶ୍ୱରବାଦୀ ଧାରଣାକୁ ଭାରତ ଅନୁସରଣ କରିନାହିଁ କିମ୍ବା ପୂର୍ବାଞ୍ଚଳ ଦେଶଗୁଡ଼ିକ ନିଜକୁ ଅବଶିଷ୍ଟ ବିଶ୍ୱଠାରୁ ଯେଭଳି ଅଲଗା କରି ରଖୁଥିଲେ ଭାରତ ବି ତାହା କରିନାହିଁ। ଏହାର ସ୍ୱତନ୍ତ୍ରତା ହେଉଛି ନୂତନ ଚିନ୍ତାଧାରା ସହିତ କାର୍ଯ୍ୟ କରିବା ଏବଂ ସମୟ ସହିତ ଲଗାତର ଭାବରେ ତା' ସ୍ୱରୂପ ଓ ପରିଚୟକୁ ପରିବର୍ତ୍ତନ କରିବା। ସେଥିପାଇଁ ବୌଦ୍ଧଧର୍ମ ଓ ହିନ୍ଦୁଧର୍ମର ଅନେକ ବିବିଧତା ଅଛି। ଜୈନଧର୍ମରେ ଅନେକ ଗୋଷ୍ଠୀ ଓ ବିଚାରଧାରା ଅଛି। ତେବେ ବହୁ ପ୍ରତିଦ୍ୱନ୍ଦ୍ୱିତା ସତ୍ତ୍ୱେ କେହି ବି ଗୋଟିଏ ବିଚାରଧାରାକୁ ଅନ୍ୟ ଉପରେ ଲଦି ଦେବାକୁ ଚେଷ୍ଟା କରନ୍ତି ନାହିଁ।

-devduttofficial@gmail.com

## ଏଇ ଭାରତରେ

ବୟସ ଅଧିକ ହେଲେ ମଧ୍ୟ ଦୃଢ଼ ଇଚ୍ଛାଶକ୍ତି ଓ ଏକାଗ୍ରତା ସଫଳତା ଆଡ଼କୁ ବାଟ କଢ଼ାଇ ନିଏ, ଯାହା ଦେଖିବାକୁ ମିଳିଛି ଆନ୍ଧ୍ରପ୍ରଦେଶ ବିଦ୍ୟା ସିଂଙ୍କ ଜୀବନରେ। ବୟସର ପ୍ରଭାବକୁ ପ୍ରତିହତ କରି ସେ ୫୯ ବର୍ଷ ବୟସରେ ପର୍ବତ ଆରୋହଣ ଆରମ୍ଭ କରିଥିଲେ। ଏବେ ତାଙ୍କ ବୟସ ୭୨। ୧୩ ବର୍ଷ ମଧ୍ୟରେ ସେ ବିଶ୍ୱର ୧୯ଟି ଉଚ୍ଚ ଶୃଙ୍ଗ ଆରୋହଣରେ ସଫଳ ହୋଇସାରିଲେଣି। ତେବେ ପୂର୍ବ ଲଦାଖର ମେଣ୍ଟକ କାଂଗ୍ରି(୬୨୫୦ମିଟର) ଓ ସ୍ପିତି ଭ୍ୟାଲିର ୟୁନାମ ପିକ(୬୧୧୧ ମିଟର) ଶୃଙ୍ଗ ଶୀର୍ଷରେ ପହଞ୍ଚିବା ତାଙ୍କର ଶ୍ରେଷ୍ଠ ସଫଳତା ବୋଲି କୁହାଯାଇପାରେ। ସବୁଠୁ ବଡ଼ କଥା ହେଉଛି ୭୨ ବର୍ଷ ବୟସରେ ବିଶ୍ୱର ସବୁଠୁ ବୟସ୍କା ମହିଳା ଭାବେ ବିଦ୍ୟା ଦକ୍ଷିଣ ଆଫ୍ରିକାର ମାଉଣ୍ଟ କିଲିମାଞ୍ଜାରୋ ଆରୋହଣ କରିବାରେ ସଫଳତା ହାସଲ କରିଛନ୍ତି। ପରିଣତ ବୟସରେ ଏଭଳି ଦୁଃସାହସିକ କାର୍ଯ୍ୟ ପାଇଁ ତାଙ୍କ ଅତୀତର ଓ ବର୍ତ୍ତମାନର ଫିଟନେସ ବହୁ ସାହାଯ୍ୟ କରିଛି। ମୁଖ୍ୟତଃ, ସେ କଲେଜ ଜୀବନରୁ ଟେନିସ ଖେଳୁଥିଲେ ଓ ମାଡ୍ରାସ ବିଶ୍ୱବିଦ୍ୟାଳୟ ଟିମ୍‌ର ମଧ୍ୟ ଅଧିନାୟକ ଥିଲେ। ଏହାସହ ସେ ସୁଇମିଂରେ ପଦକ ହାସଲ କରିଥିଲେ। କେବଳ ଏତିକିରେ ଅଟକି ନାହାନ୍ତି ବିଦ୍ୟା। ସେ ବିଭିନ୍ନ ସ୍ଥାନରେ ହାଫ୍ ମାରାଥନରେ ଭାଗ ନେଉଛନ୍ତି। ଦୀର୍ଘ ୧୩ ବର୍ଷ ହେଲା ସେ ସପ୍ତାହକୁ ଥରେ ୬୦ କି.ମି. ସାଇକେଲିଂ କରୁଛନ୍ତି।

## ଚିରନ୍ତନୀ

ପୁରୁଣା ମେଘ ସହି ! ଆସଇ ନୂଆ ହୋଇ
କରିବି ନୂଆ କଥା ରଚନା ।
କହିବି ଜୀବନର ଗୋପନ କଥା ମୋର
ଲୁଚିଲା ଯେତେ କ୍ଷତ ଶୋଚନା । -(ବର୍ଷାରତି)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | 3 | | 5 |
| | 8 | | | 2 | | 4 | | |
| 5 | 6 | | | | | | 9 | |
| 3 | | | 2 | 1 | 4 | | | |
| 4 | | | | | 7 | | | 1 |
| 2 | | 7 | 8 | | | | | |
| 9 | | | | | | 6 | | 2 |
| 8 | 4 | | 5 | | | | | |
| | | | | | | 5 | | 4 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 4 | 5 | 7 | 6 | 8 | 1 | 2 | 9 |
| 7 | 2 | 6 | 9 | 1 | 4 | 5 | 8 | 3 |
| 9 | 1 | 8 | 2 | 3 | 5 | 6 | 4 | 7 |
| 2 | 7 | 3 | 5 | 9 | 6 | 8 | 1 | 4 |
| 8 | 5 | 1 | 4 | 7 | 2 | 3 | 9 | 6 |
| 4 | 6 | 9 | 3 | 8 | 1 | 2 | 7 | 5 |
| 6 | 9 | 2 | 1 | 4 | 3 | 7 | 5 | 8 |
| 5 | 3 | 4 | 8 | 2 | 7 | 9 | 6 | 1 |
| 1 | 8 | 7 | 6 | 5 | 9 | 4 | 3 | 2 |

ଗତକାଲିର ଉତ୍ତର

# ପ୍ରାଥମିକ ଶିକ୍ଷାରେ ଭାଷା-ବାଧକ ନା ସମ୍ବଳ



ଡ. ଚନ୍ଦନ କୁମାର ସିଂହ

ସଳପ ଗଛ ମୁଣ୍ଡ ଉପରକୁ ଚଢ଼ିଗଲାଣି ସୁଆଁଳ ନଟି। ଗଛରେ ଦି'କେନା ବାହୁଙ୍ଗା ଆଉ ଚାରି କାନ୍ଦି ବଉଳ। ଜାଡ଼ ପବନରେ ସଳପ ଗଛ ନିଜକୁ ଉଷୁମ କରିନେଉଛି ପଉଷ ଖରାରେ। ଦିନ ଚାରିଟା ବେଳକୁ ସମସ୍ତେ ଥଣ୍ଡାରେ ଜଡ଼ସଡ଼। ପଉଷ ପବନ ଆସୁଛି ଧୀରେ ଧୀରେ/ ଭୂଇଁ ଶୁଖିଗଲାଣି କେଉଁକାଲୁ। ଆଗକୁ ଆହୁରି ଶୁଖି ଯାଉଥିବ ସୂର୍ଯ୍ୟମୁଖୀ ଗଛର ଶୁଖିଲା ପତରପରି। ମଣିଷର ମନ ମରିଗଲେ ଶୁଖିଲା ପତର ପରି। ଏତେବଡ଼ ସଂସାର ଆହୁରି ଲାଗେ ଚିମ୍‌ରା ଚିମ୍‌ରା। ଟାଙ୍ଗିରାହରୁ ଉପରୁ ଆଉ ଗାଁ ଗହୀରରୁ ବଣ କପୋତର ସୁର ଚିମ୍‌ରା କରିଦେଉଛି ମାଟିରେ ଶୁଖିଲା ରଙ୍ଗକୁ ଶୁଖିଲା ସୂର୍ଯ୍ୟମୁଖୀର ମୁହଁଟି ପରି। ମାଟି ଉପରେ ଡଗଡଗ ହୋଇ ଚାଲିଯାଉଛି ମୁଖୁରା ଧୂଳିଆ ଜନ୍ଦା ତା'ଗାତ ଆଡ଼େ। ହିଡ଼ ଦୁଇମୁଣ୍ଡରେ ଘାସ କଞ୍ଚା ରହିଛି। ସୋଣ୍ଡୁ କିଆରି ଉପର ଦେଇ ପଉଷର ଚହଲା ପବନ ଚହଟି ଆହୁରି ସୂର୍ଯ୍ୟମୁଖୀ ବାଡ଼କୁ ପୁଣି ମକାବାଡ଼କୁ। ଶୁଖିଲା ମାଟି ଉପରେ ଶୁଖିଲା ସୂର୍ଯ୍ୟମୁଖୀ ଗଛସବୁ, ପୁଣି ଶୁଖିଲା ମକାବାଡ଼। ଶୁଖିଲା ମକାଗଛର ପତ୍ର ପବନକୁ ଆଉଜାଇ ଆଣି କରୁଛି ଖଡ଼ଖଡ଼। ନିଃଶବ୍ଦ ପବନକୁ ସେ ଶବ୍ଦମୟ କରିଦେଉଛି ଚିମ୍‌ରା ପାହାଡ଼ କାନିରେ। ସୂର୍ଯ୍ୟମୁଖୀ ଝୁରିଗଲାଣି। ସବୁତକ ଗଛର ମୁହଁ ତଳକୁ ତଳକୁ। କନିଆଁର ମୁହଁଟି ପଣତ ତଳେ ଯେପରି ରହିଥାଏ ସୂର୍ଯ୍ୟମୁଖୀ ଫୁଲଗୁଡ଼ିକର ମୁହଁ ନେଳିଆ ଚାନ୍ଦୁଆ ତଳେ ସେହିପରି ରହିଛନ୍ତି। ମଝିରେ ମଝିରେ ପଉଷ ପବନ ଧୀରେ ଧୀରେ ଆସି ସେମାନଙ୍କ ଘୁମେଇବାକୁ ଭାଙ୍ଗିଦେଉଛି। ସୂର୍ଯ୍ୟମୁଖୀ ବାଡ଼ ସେପଟକୁ ଆମ୍ବଗଛ। ଆଉ ଦିନ କେଇଟା ପରେ ବଉଳ ଆସିବ। ହସିଉଠିବ ତାର ଡାଳପତ୍ର କାହାକୁ କିଛି ନ କହି। ସମସ୍ତଙ୍କ ଅଜାଣତରେ ହସି ଉଠେ ସ୍ୱାଭାବିକ ଗତିଛନ୍ଦ। ସୂର୍ଯ୍ୟମୁଖୀ ସେପଟକୁ କପାବାଡ଼। ଯେତେ ଯେତେ ଜାଡ଼, ସେତେ ସେତେ କପାର ପାଚିବାପଣ। ଯେତେ ଝୁରିବ ସେତେ ସେତେ ଧଳା ଦିଶିବ। ଚାରିଆଡ଼େ କପାର ପାଗଳାମି। କପା ହସର ପାଗଳାମି। ଏହି ହସ ମଣିଷକୁ ବାଇଆ କରିଛି। ଶୁଖେଇ ଦେଇଛି ମାଟିକୁ। ମାଟି ଆହୁରି ଶୁଖୁଛି। ପଉଷର ଶୁଖିଲା ଶୀତଠାରୁ କପାବାଡ଼ର ମାଟି ଆହୁରି ଶୁଖିଲା। ଧରାଧରି ଜୀବନ କପାର ବାଇଆ ହସରେ ଆହୁରି ଶୁଖିଯାଉଛି। ପଉଷ ପବନର କରାମତିଠାରୁ କପାବାଡ଼ ହସର କରାମତି ଢେର୍ ବେଶି। ଏହି ହସର ଆଘାତ ଢେର ଗହିରିଆ। ଢେର୍ ଢେର୍ ଭେଦିଛି ଶୁଖିଲା ମାଟିର ଛାତି ଭିତରକୁ। ଟାଙ୍ଗିରି ହରୁର (ଟାଙ୍ଗିରି ପାହାଡ଼) ନେଉଟା ଖରା ପଡ଼ିଛି ଶୁଖିଲା ମାଟିର ମୁହଁ ଉପରେ। ମଣିଷ ହାତର ଔଷଧ, ସାର ପଡ଼ି ନାହିଁ ହିଡ଼ମୁଣ୍ଡରେ। ପଡ଼ିଥିଲେ ହିଡ଼ ଦି'ମୁଣ୍ଡର କଞ୍ଚା ଘାସତକ ବି ନଥା'ନ୍ତା କି କଥା କହୁନଥାନ୍ତା ପଉଷ ପବନରେ ଜାଡ଼କୁ ନେଇ। ହିଡ଼ ଦି' ମୁଣ୍ଡରେ ଛନ୍ନଛନ୍ନ ଦୂବ ମନ୍ଦା ମାନ। ମଣିଷର ଆକଟକୁ ବେଶ୍ ଉଚ୍ଛୁର କରି ସେମାନେ ମୁଣ୍ଡ ଟେକିଛନ୍ତି ଶୁଖିଲା ମାଟିର ମୁହଁ ଉପରେ।

ଟାଙ୍ଗିରି ହରୁରୁ ଓହ୍ଲେଇ ଆସୁଛି ଜାଡ଼ ପବନ ଗାଁ ଦିହକୁ। ଗାଁ କାନିରେ ସ୍କୁଲ। ସରକାରୀ ପ୍ରାଥମିକ ସ୍କୁଲ ମଣ୍ଡାପାଇ। ରାୟଗଡ଼ା ଜିଲା ବିଷମକଟକ ବ୍ଲକର ମଣ୍ଡାପାଇ ଗାଁ। ଏବେ ଖୋଲା ଆକାଶର ନୋଳିଆ ଚାନ୍ଦୁଆରୁ ଅଜାଡ଼ି ହୋଇ ପଡୁଥିବା ଖରା ଜାଡ଼ ପବନକୁ ଜିତି ପାରୁନାହିଁ। ଯେତେକ ଖରା ତା'ର ତିନିଗୁଣା ହେଉଛି ଜାଡ଼ ପବନ। ସଞ୍ଜ ନ ହେଉଣୁ ପଉଷର ଜାଡ଼ ପବନ ସାରାଗାଁକୁ ଭିଜାଇ ଦେଉଛି। ଶିକ୍ଷାକେନ୍ଦ୍ରରୁ ବାହୁଡ଼ି ଆସିଲା ବେଳକୁ ମୁହଁ ଅନ୍ଧାର। ମଣ୍ଡାପାଇ ସରକାରୀ ସ୍କୁଲଟିରେ ଅଛି ଶିଶୁବାଟିକାରୁ ପଞ୍ଚମ ଶ୍ରେଣୀ। ସମୁଦାୟ ତିରିଶ ପଇଁତିରିଶ ପିଲା। ମଣ୍ଡାପାଇ ଗାଁର ସବୁତକ ଘର କୁଇ କନ୍ଧକୁଳ ସମାଜର। କନ୍ଧ ଜନ ସମୁଦାୟଙ୍କ କଥିତ ଭାଷା ହେଉଛି କୁଇ ଭାଷା। କୁଇ ଭାଷାର ଲିପି



ନାହିଁ। କନ୍ଧକୁଳ ସମାଜ ପୁଣି ଦି'ଭାଗରେ ବିଭକ୍ତ। ନିୟମଗିରିର ଡଙ୍ଗରିଆ କନ୍ଧ ହେଉଛନ୍ତି ଅନ୍ୟତମ ପ୍ରାଚୀନ ଜନଜାତି। ଡଙ୍ଗରତଳେ ଯେଉଁମାନେ ରହିଛନ୍ତି, ସେମାନେ ହେଲେ କୁଇ କନ୍ଧ ଆଦିବାସୀ। କୁଇ କନ୍ଧ କିମ୍ବା ଡଙ୍ଗରିଆ କନ୍ଧ କାହାରି ହେଲେ ଲିପିନାହିଁ। କଥିତ ଭାଷାରେ ହିଁ ଜୀବନର ଚାଲିଚଳଣି ରୂପ ନିଏ। ବଡ଼ଙ୍କଠାରୁ ସାନମାନେ ଶିଖିନିଅନ୍ତି କୁଇଭାଷାର ଉଚ୍ଚାରଣ ଓ ଆବେଦନ। ଡଙ୍ଗର ଦିହରେ ବର୍ଷାଠାରୁ ଗାଁ କାନିରେ କିଏ ଦୁଃଖ ହୋଇଯିବା, ଅଣ୍ଡା(ଭାତ)ଠାରୁ ଆରମ୍ଭ କରି ମାଣ୍ଡିଆ ମଣ୍ଡା ପର୍ଯ୍ୟନ୍ତ କୁଇଭାଷାର ଏକ ଉଜ୍ଜ୍ୱଳ ଗତିଧାରା ରହିଛି।

ପିଲାଏ ଫେରି ଆସନ୍ତି ଶିକ୍ଷାକେନ୍ଦ୍ରରୁ ଏବଂ ସଞ୍ଜ ଉଚ୍ଛୁର ହୋଇ ଆସିଲେ ସାଙ୍ଗହୋଇ ବାହାରିପଡ଼ନ୍ତି ପଦର, ଗୁଡ଼ିଆ, ବନ୍ଧ ଓ ଡଙ୍ଗରକୁ। ମନ ଓ ଆଖି ଖୋଜେ ଚଢ଼େଇମାନଙ୍କୁ। କିଏ ରୁଣ୍ଡେଇ ଆଣେ ଛୋଟ ଛୋଟ ପଥର ଗୋଡ଼ି, ଆଉ କିଏ ପକାଏ ଗଛ ଉପରକୁ ଆଲୁଆ ବାଟେଲ୍‌ର ବା ବାଟୁଲିଖଡ଼ା ପଥର ଖାଲି ଫେରେ ନାହିଁ। ଖସିପଡ଼ନ୍ତି କେତେକେତେ ଚଢ଼େଇ। ଗଛତଳେ, ବନ୍ଧ କଡ଼ରେ ଚଢ଼େଇ ପୁଡ଼ାର ସୁଆଦ ପିଲାଙ୍କ ପାଟିକୁ ହାତ ପାଉନଥିବା ଖୁସୀ ଆଣିଦେଉଥାଏ। ହଁ, ମଣ୍ଡାପାଇ ସ୍କୁଲଟିର ନରେଶ, ଆୟୁଷ ଆଦି କେତୋଟି ପଞ୍ଚମ ଶ୍ରେଣୀ ପିଲା ପାଠରେ ବିଶେଷଭାବେ ଲେଖାଲେଖିରେ ଆଗଧାଡ଼ିକୁ ଆସିପାରନ୍ତି ନାହିଁ। ପିଲା ଦୁଇଟି ଉପରେ ଶୁଭାଶୁଭ ଦୃଷ୍ଟି ଭଲରେ କି ଭେଲରେ କାହାର ନଥାଏ। କିନ୍ତୁ ଜାଡ଼ ପବନରେ ଚଢ଼େଇମରାର କଥା ସେମାନେ ଲେଖିଲେ ପୃଷ୍ଠା ପରେ ପୃଷ୍ଠା ଅନ୍ୟମାନଙ୍କୁ ପଛରେ ପକାଇ ସେଦିନ। ଲେଖିଲାବେଳେ ସେମାନଙ୍କର ମନ ଓ ହାତ ଅସମ୍ଭଳା ପଡୁଥାଏ। କୁଇ ଓ ଓଡ଼ିଆ ଭାଷାର ମନମତାଣିଆ ଭାବର ଏକ ଭାଷା ସେମାନଙ୍କ ପୃଷ୍ଠାକୁ ଉଛୁଳାଇ ଦେଉଥାଏ। ସତରେ ସେଦିନର ଖୁସି କହିଲେ ନସରେ। ସ୍କୁଲ୍ ପାଠରେ ତ ଏସବୁ କଥା ନାହିଁ। ସାର୍ ଓ ଦିଦିମାନେ ଏସବୁ କଥାକୁ ଦିନେ ବି ଚାହିଁନାହାନ୍ତି। ଶିକ୍ଷା ଅଭିଧାନରେ ନିକଟରୁ ଦୂର ପ୍ରତିଶ୍ରୁତିଟି ଖୁବ୍ ଏକ ସକ୍ରିୟ ସମ୍ବଳ। ଏହାକୁ ପୁଞ୍ଜିକରି ପିଲାଙ୍କୁ ଆଗକୁ ନେଇହୁଏ। ନରେଶ ଓ ଆୟୁଷ ପାଇଁ ଏପରି ଲେଖା ତାଙ୍କ ପାଇଁ ଧୀରେ ଧୀରେ ଅନୁକୂଳ ପବନକୁ ହକାରି ଆଣିଲେ। କୁଇ ଓ ଓଡ଼ିଆ ଭାଷାର ମିଶାମିଶି ଲେଖାର ମାଳଟିଏ (ଲତା) ଭିତରୁ ଧୀରେ ଧୀରେ ଆଗକୁ ପାଦ ପକାଇବା ପାଇଁ ପିଲାମାନେ ସାହସ ପାଉଥିଲେ। ଟାଙ୍ଗିରି ହରୁରୁ ଆସୁଥିଲା ଉଛୁଳା ଜାଡ଼ ପବନ। ସଞ୍ଜ ଆସୁଥିଲା ତା'ସାଙ୍ଗକୁ ଚହଟି ଆସୁଥିଲା ଅସରନ୍ତି ଖୁସିର ମଉକା-ଯାହାକୁ ବଡ଼ମାନେ ଛୁଇଁପାରନ୍ତି ନାହିଁ। ମାତ୍ର ନରେଶ, ଆୟୁଷ ଆଦି କେତେକେତେ ପିଲା ସେହି ଖୁସିକୁ ଛୁଇଁ ପାରନ୍ତି, ଦେଖିପାରନ୍ତି, ଲେଖିପାରନ୍ତି। ତେବେ ସେଦିନ ସ୍କୁଲଟିର ନରେଶ, ଆୟୁଷ ଆଦି କେତୋଟି ପଞ୍ଚମ ଶ୍ରେଣୀ ପିଲା କୁଇ ଓ ଓଡ଼ିଆ ଭାଷାର ମିଶାମିଶି ଏହିଭଳି ଲେଖିଥିଲେ-

ମ (ମୋ) ନାମ ନରେଶ କୁମ୍ବରୁକା। ଆମ ଗାଁ ନାମ ମଣ୍ଡାପାଇ। ରବିବାର ଦିନ ବାଟେଲ୍ ଦରିକିନା ପ୍ରଥର ବାଟିଲି। ତା'ପରେ ମୁଁ ଗଲି। ଦୂରରେ ୬୦ ମିଟରରେ ବସିଣି କପତ। ଚଢ଼େଇ ମାରିଦେଲି। ତାପରେ ମୁଁ ବାଟେଲ ଦରିକିନା ପ୍ରଥର ବେଟିକିନା ଗଲି। ତାପରେ ୫୦ ମିଟର ଦୂରରେ ବସିଛି। ତାକୁ ମାରିଦେଲି।

ନରେଶ କୁଟୃକା-ମୁଁ ବାଟି ଚଢ଼େଇ ମାରିଲି ଓ ରାନ୍ଧି କରି ଖାଇଲି। ମୁଁ ବଗ ଓ କପତ ମଧ୍ୟ ମାରି ଖାଇଲି। ସେ ବଗ ବିଲରେ ମାଛ ଧରୁଥିଲା ଓ ମୁଁ ପାଟେଲ୍ କାଢ଼ି ମାରିଲି। ବଗ ମରିଗଲା। କପତ ଆମ୍ବଗଛରେ ବସିଥିଲା। ମୁଁ ମାରିଲି। ସିଧା ମରିଗଲା। ଘରକୁ ନେଇ ସାଙ୍ଗମାନଙ୍କ ସହ ଖାଇଲୁ।

ଆୟୁଷ କୁଟ୍ରୁକା - ଗେଟି ଛଡେଇ ଗଛରେ ବସିଥିଲା। ସେକୁ ମୁଇଁ ବଟେଲ ସହଇତ ମାରିତେଲି। ସେ ଛଡେଇ ମରିଗଲା। ଗେଟି ବଗ ସହିତ ଥିଲା। ସେ ଛଡେଇ ମରିଗଲା। ଏଭଳି ପିଲାଙ୍କ ମୌଖିକ ଲେଖାକୁ ଯଦି ଆମେ ଉତ୍ସାହିତ କରିପାରିବା ତେବେ ମାନକ ଓଡ଼ିଆ ଭାଷା ଲେଖିବା ପାଇଁ ସେମାନେ ସମର୍ଥ ହୋଇପାରିବେ। ଏହାଫଳରେ ସେମାନଙ୍କ ପାଇଁ ଭାଷା ସମ୍ବଳ ହୋଇପାରିବ।

**ବିଷମକଟକ, ରାୟଗଡ଼ା**
**ମୋ: ୮୨୪୯୬୫୭୭୭୮**

# ଭ୍ରୂଣ ଶବ୍ଦ ଶୁଣିପାରେ



ଡା. ପ୍ରଫୁଲ୍ଲ କୁମାର ଦାସ

ମହାଭାରତର ଅଭିମନ୍ୟୁ କଥା ପ୍ରାୟ ସମସ୍ତେ ଜାଣନ୍ତି। ଚକ୍ରବ୍ୟୂହରେ ପ୍ରବେଶ କରି ଅଭିମନ୍ୟୁ କିପରି ବୀର ଦର୍ପରେ ଯୁଦ୍ଧ କରିଥିଲେ। କିନ୍ତୁ ବାହାରକୁ ବାହାରିବାର କୌଶଳ ତାଙ୍କୁ ଜଣା ନ ଥିଲା। ଚକ୍ରବ୍ୟୂହରେ ପ୍ରବେଶ କରିବା କୌଶଳ ତାଙ୍କୁ କିଏ ଶିଖାଇଥିଲା ? ସେ ମାତା ସୁଭଦ୍ରାଙ୍କ ଗର୍ଭରେ ଥିବା ସମୟରେ ଶ୍ରୀକୃଷ୍ଣ ସୁଭଦ୍ରାଙ୍କୁ ଉଦ୍ଦେଶ୍ୟ କରି ଚକ୍ରବ୍ୟୂହରେ ପ୍ରବେଶ କରିବାର ବିବରଣୀ ଶୁଣାଇଥିଲେ। ଶୁଣୁ ଶୁଣୁ ସୁଭଦ୍ରା ଶୋଇପଡ଼ିଥିଲେ। ତଥାପି ଶ୍ରୀକୃଷ୍ଣଙ୍କ କଥାକୁ ଶୁଣି ହୁଁ ଶବ୍ଦ ଆସୁଥିଲା। ଏହି ସମୟରେ ଶ୍ରୀକୃଷ୍ଣ ଲକ୍ଷ୍ୟ କରିଥିଲେ ଯେ ସୁଭଦ୍ରା ଶୋଇପଡ଼ିଛନ୍ତି, ତଥାପି ଗର୍ଭସ୍ଥ ସନ୍ତାନ ଏହି ବିବରଣୀ ଶୁଣୁଛି। ଏଣୁ କୃଷ୍ଣ କଥାକୁ ସେହିଠାରେ ବନ୍ଦ କରି ଦେଇଥିଲେ। ସେହି ଗର୍ଭସ୍ଥ ଭ୍ରୂଣଟି ଚକ୍ରବ୍ୟୂହରେ ପ୍ରବେଶ ଜ୍ଞାନ ଜାଣିଥିଲେ ମଧ୍ୟ ବାହାରିବା ବାଟ ଜାଣିପାରି ନ ଥିଲା ବୋଲି ମହାଭାରତରେ ଲିଖିତ।

ପାଠକମାନେ ଏହି କଥାକୁ ଅସଙ୍ଗତ ମନେକରନ୍ତି ନାହିଁ। କିନ୍ତୁ ଆଧୁନିକ ସମାଜ ଏହାକୁ ଗ୍ରହଣ ନ କରିପାରେ। ସେମାନେ କହନ୍ତି, ଗର୍ଭସ୍ଥ ଭ୍ରୂଣ କିପରି, କେମିତି କଥା ଶୁଣିପାରେ ଓ ମନେରଖିପାରେ। ଭ୍ରୂଣାବସ୍ଥାରେ ହିଁ ଶିଶୁର ମାନସିକ ବିକାଶ ହୋଇଥାଏ। ଏହି ଅବସରରେ ସିନାପ୍ସେ ନାମ ନାଡ଼ିକୋଷର ବୃଦ୍ଧି ହୋଇଥାଏ। ନୂତନ ନାଡ଼ିକୋଷର ମଧ୍ୟ ବିକାଶ ହୋଇଥାଏ। ଭ୍ରୂଣାବସ୍ଥାରେ ଶିଶୁ ଶରୀରର ବିକାଶ ସହ ମସ୍ତିଷ୍କର ମଧ୍ୟ ବିକାଶ ଘଟିଥାଏ। ଦର୍ଶନ, ସ୍ପର୍ଶ, ଘ୍ରାଣ, ଶ୍ରବଣ, ଆସ୍ୱାଦନ ଇତ୍ୟାଦି ପାଞ୍ଚଟି ଇନ୍ଦ୍ରିୟ ସମ୍ବନ୍ଧ ଯେଉଁ କ୍ରିୟା ଥାଏ ସେଥିମଧ୍ୟରୁ ଶ୍ରବଣ ଗୋଟିଏ କ୍ରିୟା। ଉଦର ଊର୍ଦ୍ଧ୍ୱଭାଗରେ ଯେଉଁ ସ୍ପର୍ଶ କମ୍ପନ ଆଦି ଅନୁଭବ ଶକ୍ତି ଦ୍ୱାରା ହିଁ ଜାଣିଥାଏ। ଏହି ଶବ୍ଦ ରୂପ ଧ୍ୱନି ଗର୍ଭସ୍ଥ ଭ୍ରୂଣ କ'ଣ ଗ୍ରହଣ କରିପାରେ। ଏହାକୁ ଅନୁସରଣ କରି ଫିନ୍‌ଲାଣ୍ଡଦେଶୀୟ ବୈଜ୍ଞାନିକମାନେ ଏହାକୁ ପ୍ରୟୋଗ କରିଥିଲେ। ଥରେ ବୈଜ୍ଞାନିକମାନେ କେତେକ ଗର୍ଭବତୀ ନାରୀଙ୍କୁ ସେମାନଙ୍କ ଦ୍ୱାରା ଚୟନ 'ଟଟଟ' ଏହି ପଦକୁ ସପ୍ତାହରେ ୫ରୁ ଅଧିକ ଥର ୪ ମିନିଟ ଯାଏ ଶୁଣାଇଥିଲେ। ଏହି ଧ୍ୱନି ଗର୍ଭକୋଷ ଭିତରକୁ ଅତିକ୍ରମ କରି ଶିଶୁ ଯେପରି ଶୁଣେ, କିନ୍ତୁ ଶିଶୁର ଯେପରି କିଛି ନ ହୁଏ। ସେହିପରି ଧ୍ୱନିର ତୀବ୍ରତାର ବ୍ୟବସ୍ଥା କରିଥିଲେ। ଶିଶୁ ଜନ୍ମ ପରେ ଅର୍ଥାତ୍ ୫ମ ବା ୬ଷ୍ଠ ଦିନରେ ଗବେଷକମାନେ ସେହି ଧ୍ୱନିକୁ ପୁଣି ଶୁଣାଇଲେ।

ଏଲୋକ୍ଟ୍ରୋ-ଏନ୍ସେଫେଲୋଗ୍ରାମ (ଇଇଜି): ଇଇଜି ନାମକ ଉପକରଣରେ ଶିଶୁର ମସ୍ତିଷ୍କ ବିଷୟରେ ଜାଣିବା ପାଇଁ ପରୀକ୍ଷା କରିଥିଲେ। ଯେଉଁ ଶିଶୁଟି ଭ୍ରୂଣାବସ୍ଥାରେ 'ଟଟଟ' ଶବ୍ଦ ଶୁଣିଥିଲା, ଅଭିଜ୍ଞାନ ରୂପକ ପ୍ରଦର୍ଶନ କଲା। ଯେତେବେଳେ 'ଟଠଟ' ଶବ୍ଦ ମଧ୍ୟରେ 'ଠ'କାର ଶୁଣାଗଲା, ସେତେବେଳେ ଶିଶୁର ମସ୍ତିଷ୍କରେ ଆଶ୍ଚର୍ଯ୍ୟ ସହ ସ୍ପନ୍ଦନ ଦୃଷ୍ଟିଗୋଚର ହେଲା। ଯେଉଁ ଶିଶୁମାନଙ୍କୁ ଭ୍ରୂଣାବସ୍ଥାରେ 'ଟଟଟ' ଶବ୍ଦ ଶୁଣାଯାଇ ନ ଥିଲା, ସେମାନେ ଶବ୍ଦ ଶୁଣି ମଧ୍ୟ ଶିଶୁଙ୍କ ସ୍ପନ୍ଦନରେ କୌଣସି ପରିବର୍ତ୍ତନ ଘଟି ନ ଥିଲା। ଜନ୍ମ ପୂର୍ବ ଗର୍ଭସ୍ଥ ଭ୍ରୂଣାବସ୍ଥାରେ ଥିବାରୁ ଶିଶୁ ନିଜେ ଶୁଣିଥିବା ଶବ୍ଦକୁ ସ୍ମରଣରେ ରଖିପାରିଛନ୍ତି ଏହା ଏକ ଶକ୍ତି। ଏହିପରି ୨୮ ସପ୍ତାହ ପ୍ରୟୋଗ ପରେ ଏହା ପ୍ରମାଣିତ ହେଲା। ବିଜ୍ଞାନର ଏହି ଅଂଶ ଆଜି ସଂପ୍ରସାରଣ ପାଇଁ ନିରୂପିତ। କିନ୍ତୁ ମହାଭାରତର ଏହି ଅଂଶ ବହୁ ତଥା ଶହ ଶହ ବର୍ଷ ପୂର୍ବେ ନିରୂପିତ ହୋଇଥିଲା। ଆଜି ମଧ୍ୟ ଗ୍ରାମାଞ୍ଚଳରେ ଗର୍ଭବତୀ ମହିଳାମାନଙ୍କ ଉଦ୍ଦେଶ୍ୟରେ କୁହାଯାଏ ଉତ୍ତମ ବଚନ କହିବା, ଉତ୍ତମ ବଚନ ଶୁଣିବା, ରାମାୟଣ ପରି ଜ୍ଞାନବର୍ଦ୍ଧକ ବହି ପଢ଼ିବା, ଶ୍ରୁତିମଧୁର ଗୀତ ଶୁଣିବା ଇତ୍ୟାଦି। କାରଣ ଗର୍ଭବତୀଙ୍କ ବ୍ୟବହାର ଗର୍ଭସ୍ଥ ସନ୍ତାନ ଉପରେ ପଡ଼େ ବୋଲି ସାଧାରଣ ମହିଳାମାନଙ୍କ ଧାରଣା ରହିଛି। କେବଳ ପୁରାଣ କହୁନାହିଁ ବରଂ ବିଜ୍ଞାନ ମଧ୍ୟ ପ୍ରମାଣିତ କରୁଛି।

ବର୍ତ୍ତମାନ ସମୟରେ ଇଇଜି ପରୀକ୍ଷାକୁ ନେଇ ସେପରି ଭୟଭୀତ ହେବାର କିଛି କାରଣ ନାହିଁ। ଏହା ଆପଣଙ୍କର ଆଗତ ଭବିଷ୍ୟତ କୁହାଯାଉଥିବା ପିଲାଟି ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତେବେ ଆଉ ଏକ ବିଶେଷ କଥା ହେଉଛି ପିଲାଟି ବେଳୁ ନବଜାତକର କୌଣସି ପ୍ରକାର ଅସ୍ୱାଭାବିକ ସ୍ଥିତି ଥିଲେ ଆପଣ ପ୍ରାରମ୍ଭିକ ସମୟରେ ଶିଶୁରୋଗ ବିଶେଷଜ୍ଞଙ୍କ ପରାମର୍ଶ ନେଇପାରନ୍ତି। ପିଲାମାନଙ୍କ ପରୀକ୍ଷା ନିରୀକ୍ଷା, ସ୍ୱାସ୍ଥ୍ୟ ବ୍ୟବସ୍ଥା ଓ ଖାଦ୍ୟପେୟ କଥା ନେଇ ଆଜିକାଲି ସୋସିଆଲ ମିଡ଼ିଆରେ ଅନେକ ତଥ୍ୟ ସବୁ ବାହାରୁଛି। ଏ ସବୁ ଡାକ୍ତରୀ ସିଦ୍ଧାନ୍ତରେ ନିର୍ଣ୍ଣୟ ହୋଇଛି କି ନାହିଁ ଭଲଭାବେ ବୁଝିବା କଥା। କୌଣସି କାନକୁହା କଥା କାହାଙ୍କଠାରୁ ଶୁଣି ପିଲାମାନଙ୍କର ସ୍ୱାସ୍ଥ୍ୟଗତ କ୍ଷେତ୍ରରେ ସାଲିସ କରନ୍ତୁ ନାହିଁ। ପିଲାମାନଙ୍କର ଉତ୍ତମ ସ୍ୱାସ୍ଥ୍ୟ ପାଇଁ ପ୍ରାରମ୍ଭିକ ସମୟରୁ ନିୟମିତ ଟିକା ଦିଅନ୍ତୁ ଏବଂ ସବୁଠାରୁ ଭଲହେବ ସରକାରୀ ଡାକ୍ତରଖାନାରେ ବିନା ମୂଲ୍ୟରେ ଏହି ସୁବିଧା ଗ୍ରହଣ କରିବା। ପିଲାମାନଙ୍କ ଶାରୀରିକ ଅସଂଗତି ବା ଶୁଣିବା କ୍ଷେତ୍ରରେ କୌଣସି ସମସ୍ୟା ଥିଲେ ମାନସିକ ଭାବେ ହତୋତ୍ସାହିତ ହୁଅନ୍ତୁ ନାହିଁ। ବରଂ ପ୍ରଥମରୁ ଡାକ୍ତରୀ ସହାୟତା ଦ୍ୱାରା ଏହାର ନିରାକରଣ ସମ୍ଭବ।

**କନ୍‌ସଲଟାଣ୍ଟ ରେଡିଓଲୋଜିଷ୍ଟ,**
**ଏମ୍‌ଆର୍‌ଆଇ କେନ୍ଦ୍ର, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜ, କଟକ,**
**ମୋ:୯୪୩୭୦୨୩୪୪୩**

## ପାଠକ ଶ୍ରେଷ୍ଠ ବିଚାରକ

### ଗୁଟ୍‌ଖା ବିକ୍ରିରେ ଅଙ୍କୁଶ ଲାଗିପାରୁନାହିଁ

ମହାଶୟ,

ଗୁଟ୍‌ଖା ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ। ଏବେ ଦେଖାଯାଉଛଇ ଯୁବପିଢ଼ି ଗୁଟ୍‌ଖା ଯନ୍ତାରେ ପଡ଼ିଯାଇଛନ୍ତି। ବିଶେଷକରି ସ୍କୁଲ ଓ କଲେଜ ପିଲାମାନେ ଏହାକୁ ବେଶୀ ଖାଉଛନ୍ତି। ସେଥିପାଇଁ ସରକାର ଗୁଟ୍‌ଖା ବିକ୍ରି ଉପରେ କଟକଣା ଜାରି କରିଛନ୍ତି। କିନ୍ତୁ ଦେଖାଯାଉଛି ଚା' ଦୋକାନ ଓ ପାନଦୋକାନରେ ମାଳ ମାଳ ଗୁଟ୍‌ଖା ଟଙ୍ଗା ହେଉଛି। ମୁଖ୍ୟତଃ ଶିକ୍ଷାନୁଷ୍ଠାନ ଗୁଡ଼ିକରେ ଥିବା ଦୋକାନରେ ବୋଇ ବିକ୍ରି କରାଯାଉଛି। କାଁ ଭାଁ କେତେବେଳେ ଚଢ଼ାଉ ହୋଇ ଫାଇନ ହେଉଛି। ତା'ପରେ ଦୋକାନୀମାନେ କିଛି ଦିନ ଗୁଟଖା ଲୁଚାଇ ରଖୁଛନ୍ତି। ତଥାପି ଗ୍ରହକଙ୍କୁ ଗୁପ୍ତରେ ବିକ୍ରି କରୁଛନ୍ତି। ଚଢାଉର କିଛି ଦିନ ପରେ ପୁନର୍ବାର ଗୁଟଖା ଦୋକଆଗରେ ଝୁଲିବା ଲକ୍ଷ୍ୟ କରାଯାଉଛି। ଗୁଟ୍‌ଖା ଖାଇବା ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ।

**-କହ୍ନେଇ ଚରଣ ନନ୍ଦୀ, ସାଆନ୍ତା, ଶେରଗଡ଼, ବାଲେଶ୍ୱର**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ‘ବୌଦ୍ଧ ଐତିହ୍ୟ ବିକାଶ ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି’

## ଗୁରୁ ପଦ୍ମସମ୍ଭବଙ୍କ ପ୍ରାର୍ଥନା ସମାରୋହ

**ଚଣ୍ଡିଖୋଲ, ୧୪।୧ (ପ୍ରଦୀପ୍ତ କୁମାର ପୃଷ୍ଟି):**



ଗୁରୁପଦ୍ମସମ୍ଭବଙ୍କ ପ୍ରାର୍ଥନା ସମାରୋହରେ ଯୋଗଦେଇଥିବା ଅତିଥି।

ରାଜ୍ୟ ସଂସ୍କୃତି ବିଭାଗ, ପର୍ଯ୍ୟଟନ ବିଭାଗ ଏବଂ ଯାଜପୁର ଜିଲା ପ୍ରଶାସନ ମିଳିତ ସହଯୋଗରେ ଉଦୟଗିରିଠାରେ ଗୁରୁପଦ୍ମସମ୍ଭବଙ୍କ ପ୍ରାର୍ଥନା ସମାରୋହ ତଥା ଅନ୍ତର୍ଜାତୀୟ ବୌଦ୍ଧ ସମ୍ମିଳନୀ ବେଶ ଉତ୍ସାହର ସହପାଳନ କରାଯାଉଛି। ବୁଧବାର ସମ୍ମିଳନୀର ଚତୁର୍ଥ ଦିବସରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ବଡ଼ଚଣା ବିଧାୟକ ଅମର ନାୟକ, ପର୍ଯ୍ୟଟନ ବିଭାଗ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ଜିଲାପାଳ ଅମ୍ବର କର, ଜିରାଙ୍ଗର ବୌଦ୍ଧଗୁରୁ ଜିଗମେ ରିଙ୍ଗପୋଚେ, ଲାଇଟ ଅଫ ବୁଦ୍ଧ ଫାଉଣ୍ଡେଶନର ମୁଖ୍ୟ ୱାଙ୍ଗମୋ ଦିକ୍ସେ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ମତ ରଖିଛନ୍ତି।

ଉପମୁଖ୍ୟମନ୍ତ୍ରୀ ପରିଡ଼ା କହିଛନ୍ତି, ଅନ୍ତର୍ଜାତୀୟ ବୌଦ୍ଧ ସମ୍ମିଳନୀ ମାଧ୍ୟମରେ ବୌଦ୍ଧ ପର୍ଯ୍ୟଟନର ବିକାଶ ହେବା ସହ ଶାନ୍ତି ଏବଂ କରୁଣାର ବାର୍ତ୍ତା ବିଶ୍ୱରେ ପହଞ୍ଚିପାରିବ। ଏହି ଓଡ଼ିଶା ମାଟି ସର୍ବଦା ଆଧ୍ୟାତ୍ମିକତାର ପଥରେ ଅଗ୍ରସର ହୋଇଆସିଛି। ଓଡ଼ିଶା ସରକାର ଏଦିଗରେ ଅନେକ ପ୍ରୟାସ କରୁଛନ୍ତି। ରତ୍ନଗିରି, ଲଳିତଗିରି, ଉଦୟଗିରି, ଜିରାଙ୍ଗ, ଧଉଳି ଭଳି ବୌଦ୍ଧ କୀର୍ତ୍ତିରାଜିର ସାମଗ୍ରିକ ବିକାଶ, ଐତିହ୍ୟ ସଂରକ୍ଷଣ ଏବଂ ଇତିହାସ ସମ୍ବନ୍ଧୀୟ ଆଧୁନିକ ଗବେଷଣା ପାଇଁ ରାଜ୍ୟ ସରକାର ଯୋଜନା ପ୍ରସ୍ତୁତ କରୁଛନ୍ତି। ଓଡ଼ିଶାର ସୁସମୃଦ୍ଧ ବୌଦ୍ଧ ସଂସ୍କୃତିକୁ ଉଜ୍ଜୀବିତ ରଖିବା ପାଇଁ ସରକାର ଲାଇଟ ଅଫ ବୁଦ୍ଧ ଫାଉଣ୍ଡେସନ ସହ ବୁଝାମଣାପତ୍ର ସ୍ୱାକ୍ଷର କରିଛନ୍ତି। ବୌଦ୍ଧ ଧର୍ମ ବିକାଶ ପାଇଁ ଏକ ବିଶେଷଜ୍ଞ କମିଟି ଗଠନ ସହ ଓଡ଼ିଶାକୁ ଭାରତର ବୌଦ୍ଧ ପର୍ଯ୍ୟଟନ ସର୍କିଟ ସହ ଯୋଡ଼ିବା ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ଏହାସହ ଜିରାଙ୍ଗ ମହାବିହାରର ମଧ୍ୟ ଉନ୍ନତି ପାଇଁ ପଦକ୍ଷେପ ନିଆଯାଇଛି ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି।

ମନ୍ତ୍ରୀ ସୂର୍ଯ୍ୟବଂଶୀ କହିଛନ୍ତି, ଗୁରୁପଦ୍ମସମ୍ଭବଙ୍କ ଜନ୍ମ ଓଡ଼ିଶାର ଝାରସୁଗୁଡ଼ା ଜିଲାରେ ହୋଇଥିଲା ଏବଂ ଉଦୟଗିରିଠାରେ ସେ ମହାପରିନିର୍ବାଣ ପ୍ରାପ୍ତ କରିଥିଲେ। ଏହାସହ ଓଡ଼ିଶାରେ ଗୁରୁ ପଦ୍ମସମ୍ଭବ ଏବଂ ବୌଦ୍ଧ ତନ୍ତ୍ରଯାନ ସମ୍ବନ୍ଧୀୟ ପ୍ରମାଣ, ଲୁକ୍କାୟିତ ତଥ୍ୟ ଲୋକଲୋଚନକୁ ଆଣିଥିବାରୁ ଉପସ୍ଥିତ ବିଶେଷଜ୍ଞ ଗବେଷକଙ୍କୁ ମନ୍ତ୍ରୀ ପ୍ରଶଂସା କରିଛନ୍ତି। ଏହି ଅବସରରେ ଅତିଥିମାନେ ଉଦୟଗିରି ସ୍ମରଣିକା ସହ ବୌଦ୍ଧ ଐତିହ୍ୟ ସମ୍ବନ୍ଧୀୟ ପୁସ୍ତକ ଉନ୍ମୋଚନ କରିଥିଲେ। ଅତିଥିଙ୍କ ବକ୍ତବ୍ୟ ପରେ ଓଡ଼ିଶା ଓ ଗୁରୁ ପଦ୍ମସମ୍ଭବଙ୍କ ଇତିହାସକୁ ନେଇ ଏକ ଆଲୋଚନାଚକ୍ର ଏବଂ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଆଲୋଚନାରେ ଲାଇଟ ଅଫ ବୁଦ୍ଧ ଫାଉଣ୍ଡେଶନର ରିଚାର୍ଡ ଦିକ୍ସେ, ଫରାସୀ ଭାରତତତ୍ତ୍ୱବିତ ଡ. ଫ୍ରେଡରିକ ମରୁନଭାଲ, ବିଶିଷ୍ଟ ଲେଖକ ଓ ଗବେଷକ ପ୍ରବୀର ପଟ୍ଟନାୟକ, ଗବେଷକ ଡ. ଅନୀତା ସାବତ, ପ୍ରଫେସର ରାହୁଲ ରବି ରାଓ, ଲାମା ତେଞ୍ଜିନ ସାମ୍ଫେଲ ଅଂଶଗ୍ରହଣ କରିଥିଲେ। ସମ୍ମିଳନୀରେ ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ, ଡ. ସୁବ୍ରତ କୁମାର ପୃଷ୍ଟି, ସଂସ୍କୃତି ବିଭାଗ ଉପନିର୍ଦ୍ଦେଶକ ଦେବଯାନୀ ଭୂୟାଁ, ଓଟିଡିସି ଜେନେରାଲ ମ୍ୟାନେଜର ଧର୍ମେନ୍ଦ୍ର ମଲ୍ଲିକ, ଯାଜପୁର ଅତିରିକ୍ତ ଜିଲାପାଳ ଯୁଧିଷ୍ଠିର ନାଏକ, ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦେବୀ ପ୍ରସାଦ ମହାନ୍ତି, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ଓ ଜିଲା ପର୍ଯ୍ୟଟନ ଅଧିକାରୀ ତାପସ କୁମାର ସାହୁ ଉପସ୍ଥିତ ଥିଲେ। ଜାନୁଆରୀ ୧୬ ଯାଏ ଚାଲୁଥିବା ଏହି ସମ୍ମିଳନୀରେ ଦେଶ ବିଦେଶରୁ ପ୍ରାୟ ୧୭୦୦ରୁ ଉର୍ଦ୍ଧ୍ୱ ବୌଦ୍ଧ ଧର୍ମାବଲମ୍ବୀ, ଗୁରୁ, ପର୍ଯ୍ୟଟକ ଯୋଗ ଦେଇଛନ୍ତି ବୋଲି ସୂଚନା ଦିଆଯାଇଥିଲା।

# ମକର ମେଳା, ଟୁସୁ ପର୍ବ ପାଳିତ

**କାଳିଆପାଣି, ୧୪।୧ (ଅସିତ ମହାନ୍ତ):**

କାଳିଆପାଣି ଖଣି ଅଞ୍ଚଳରେ ମକର ମେଳା ଓ ଟୁସୁ ପର୍ବ ବୁଧବାର ପାଳିତ ହୋଇଯାଇଛି। ରଗଡା ଡ୍ୟାମ, କାଦୁଅବନ୍ଧି, ଅନଳ, ଓଡ଼ିଶ ଓ ବ୍ରହ୍ମକୁଣ୍ଡ ପ୍ରଭୃତି ସ୍ଥାନରେ ମେଳା ଅନୁଷ୍ଠିତ ହୋଇଥିଲା। ପ୍ରତି ଗାଁ ଓ ସାହିରୁ ମହିଳା ସାମିଲ ହୋଇ ଟୁସୁ ଦେବୀ ମୂର୍ତ୍ତିକୁ ସାଜସଜା କରି ପ୍ରଜ୍ଞାପନ ମେଢ଼ରେ ନେଇ ବିଭିନ୍ନ ସ୍ଥାନରେ ହୋଇଥିବା ମେଳଣ ପଡ଼ିଆକୁ ଯାଇଥିଲେ। ସେଠାରେ ଉପସ୍ଥିତ ଥିବା ବିଚାରକ ମଣ୍ଡଳୀ ସାଜସଜାକୁ ଦେଖି ପ୍ରଥମ, ଦ୍ୱିତୀୟ ଓ ତୃତୀୟ ଚୟନ କରି ପୁରସ୍କୃତ କରିଥିଲେ।

ବ୍ରହ୍ମକୁଣ୍ଡଠାରେ ଆଞ୍ଚଳିକ ମକର ମେଳା ସମିତି ସଭାପତି ଡମ୍ବରୁ ଧର ମହାନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଇମ୍ଫା ମାଇନ୍ସ ମ୍ୟାନେଜର ଯୁଧିଷ୍ଠିର ମହନ୍ତ ମୁଖ୍ୟଅତିଥି ଭାବେ ଯୋଗଦେଇ ଟୁସୁ ଦେବୀଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ କରି ମକର ମେଳା ଓ ଟୁସୁ ପର୍ବକୁ ଉଦ୍‌ଘାଟନ କରିଥିଲେ। ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନୀଳକଣ୍ଠ ମହନ୍ତ, ମୁଖ୍ୟବକ୍ତା ଭାବେ ଲକ୍ଷ୍ମୀଧର ମହାନ୍ତ, ସମ୍ମାନିତ ଅତିଥି ଭାବେ ଓଡ଼ିଶ ସରପଞ୍ଚ ମୋହନ ମହାନ୍ତ, ସମିତିସଭ୍ୟ ତ୍ରିଲୋଚନ ମହନ୍ତ, ଦୟାନିଧି ମହାନ୍ତ ଯୋଗଦେଇ ଆଦିବାସୀଙ୍କ ମହାନ ପରମ୍ପରା ସମ୍ପର୍କରେ ଆଲୋକପାତ କରିଥିଲେ। ବିଭିନ୍ନ ସ୍ଥାନରୁ ୨୫ରୁ ଉର୍ଦ୍ଧ୍ୱ ଟୁସୁ ଦେବୀଙ୍କ ମେଢ଼କୁ ଧରି ବାଦ୍ୟର ତାଳେ ତାଳେ ନୃତ୍ୟ କରି ସହସ୍ରାଧିକ ମହିଳାପୁରୁଷ ପହଞ୍ଚିଥିଲେ। କୁନି କୁନି ପିଲାମାନେ ଝୁମର ନୃତ୍ୟ ପରିବେଷଣ କରିଥିଲେ। ସେମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ବ୍ରହ୍ମକୁଣ୍ଡ ଗୁମ୍ଫାରେ ପୂଜାର୍ଚ୍ଚନା କରାଯାଇ ଶ୍ରଦ୍ଧାଳୁଙ୍କ ପାଇଁ ଖେଚୁଡ଼ି ପ୍ରସାଦ ବ୍ୟବସ୍ଥା କରାଯାଇଥିଲା। କମିଟି ସଦସ୍ୟ ମହେଶ୍ୱର ମହାନ୍ତ ଧନ୍ୟବାଦ ଦେଇଥିଲେ।



# କୁଆଖିଆ ଥାନା ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା

**ରସୁଲପୁର, ୧୪।୧ (ରଞ୍ଜିତ ରାଉତ):**

କୁଆଖିଆ ଥାନା ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା-୨୦୨୬ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୁଆଖିଆ-ସାତଭାୟା ଜାତୀୟ ରାଜପଥର ମୁଗୁପାଳ ଛକଠାରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମକୁ ଥାନା ଅଧିକାରୀ ଚିନ୍ମୟୀ ସାହୁ ଶୁଭାରମ୍ଭ କରିଥିଲେ। ଏସ୍‌ଆଇ ସୂର୍ଯ୍ୟନାରାୟଣ ସାହୁଙ୍କ ନେତୃତ୍ୱରେ ଏସ୍‌ଆଇ ଦେବାଶିଷ ସାହୁ, ଏଏସଆଇ ନରେନ ଦାସ, ହାବିଲଦାର ପ୍ରମୋଦ ସାହୁ, କନଷ୍ଟେବଳ ରାହୁଲ ମୁଣ୍ଡା ପ୍ରମୁଖ ଯୋଗଦେଇ ହେଲ୍‌ମେଟ୍ ପିନ୍ଧିଥିବା ବାଇକ୍ ଚାଳକ ଓ ସିଟ୍‌ବେଲ୍ଟ ପିନ୍ଧିଥିବା କାର ଚାଳକଙ୍କୁ ଗୋଲାପ ଫୁଲ ଦେଇ ସମ୍ମାନିତ କରିଥିଲେ। ଯେଉଁମାନେ ସଡ଼କ ସୁରକ୍ଷା ନିୟମ ପାଳନ କରୁ ନ ଥିଲେ ପୋଲିସ ପକ୍ଷରୁ ସେମାନଙ୍କ ଫଟୋ ଉଠାଯାଇଥିଲା। ସୁରକ୍ଷିତ ଯାତ୍ରା ଓ ସୁରକ୍ଷିତ ଜୀବନ ସମ୍ପର୍କରେ ନିୟମ ଖିଲାପକାରୀଙ୍କୁ ବୁଝାଯିବା ସହ ଆଗାମୀ ଦିନରେ ସଡ଼କ ସୁରକ୍ଷା ନିୟମ ପାଳନ ପାଇଁ ପରାମର୍ଶ ଦିଆଯାଇଥିଲା। ହେଲମେଟ ଓ ସିଟ୍ ବେଲ୍ଟ ପିନ୍ଧୁ ନ ଥିବାରୁ ଦୁର୍ଘଟଣା ସମୟରେ ଅଧିକାଂଶ ଜୀବନ ପ୍ରତି ବିପଦ ସୃଷ୍ଟି ହେଉଛି। ତେବେ ଗାଡ଼ି ଚାଳକ ନିଜର ଓ ଆରୋହୀଙ୍କ ସୁରକ୍ଷା ପ୍ରତି ଧ୍ୟାନ ଦେଇ ସଡ଼କ ସୁରକ୍ଷା ନିୟମ ପାଳନ କଲେ ଆର୍ଥିକ ଦଣ୍ଡବିଧାନରୁ ମୁକୁଳି ପାରିବେ ବୋଲି ଚାଳକଙ୍କୁ ସୂଚନା ଦିଆଯାଇଥିଲା। ଏହି ଅବସରରେ ଗାଡ଼ି ଚାଳକ ଓ ପୋଲିସ କର୍ମଚାରୀଙ୍କୁ ନେଇ ଏକ ସଡ଼କ ସୁରକ୍ଷା ସଚେତନତା ଶୋଭାଯାତ୍ରା ଆୟୋଜନ କରାଯାଇଥିଲା।

# ଆର୍‌ଏସ୍‌ଏସ୍ ପକ୍ଷରୁ ମକର ସଂକ୍ରାନ୍ତି ଉତ୍ସବ ପାଳିତ

**ଯାଜପୁରରୋଡ୍, ୧୪।୧ (ପବିତ୍ର ରଞ୍ଜନ ମହାନ୍ତି):**

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ(ଆର୍‌ଏସ୍‌ଏସ୍) ଛତ୍ରପତି ଶିବାଜୀ ଶାଖା ତରଫରୁ ମକର ସଂକ୍ରାନ୍ତି ଉତ୍ସବ ସ୍ଥାନୀୟ ମୁଣ୍ଡମାଳ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ପରିସରରେ ବୁଧବାର ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟବକ୍ତା ଭାବରେ ଅବସରପ୍ରାପ୍ତ ଇଞ୍ଜିନିୟର ସତ୍ୟବ୍ରତ ପୃଷ୍ଟି ଯୋଗଦେଇ ସଂଘରେ ପାଳନ ହେଉଥିବା ଉତ୍ସବ ଏବଂ ସଂଘ ଶତାବ୍ଦୀ ବର୍ଷରେ ପଞ୍ଚ ପରିବର୍ତ୍ତନ ଆଧାରିତ କାର୍ଯ୍ୟକ୍ରମର ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ଉତ୍ସବ ପ୍ରାରମ୍ଭରେ ଦୀପଙ୍କର ପରିଡ଼ା ଅତିଥି ପରିଚୟ ପ୍ରଦାନ କରିଥିଲେ। ଶୁଭକାନ୍ତ ବେହେରା ଅମୃତ ବଚନ, ହରମୋହନ ବିଶ୍ୱାଳ ବ୍ୟକ୍ତିଗତ ଗୀତ ଏବଂ ତପନ କୁମାର ସାହୁ ସାଙ୍ଗିକ ଗୀତ ଗାନ କରିଥିଲେ। ବରିଷ୍ଠ କାର୍ଯ୍ୟକର୍ତ୍ତା ଦିଲୀପ ଜେନା, ଜ୍ଞାନରଞ୍ଜନ ରାଉତ, ବିଜୟ ପଣ୍ଡା, ସୁଶାନ୍ତ ଜେନା, ତ୍ରିଲୋଚନ ପ୍ରଧାନ, ପ୍ରଫୁଲ୍ଲ ନାୟକ, ଆଶିଷ ମଲ୍ଲ, ପ୍ରମୋଦ ରାଉତ, ଅମିତ ମହାନ୍ତି, ସୁଶୀଲ ଧର, ରଞ୍ଜନ ସାହୁ, ସୁବ୍ରତ ସାମଲ, ପରିକ୍ଷିତ ଜେନା, ପବିତ୍ର ସ୍ୱାଇଁ, ବିଭୂତି ଭୂଷଣ ସାହୁ, ସୁରେନ୍ଦ୍ର ନାୟକ, ବନମାଳୀ ଦାସ, ମୁକ୍ତିକାନ୍ତ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଦାମୋଦର ପରିଡ଼ା, ଆଇନଜୀବୀ ଚନ୍ଦ୍ରଶେଖର ପଣ୍ଡା, ସତ୍ୟଜିତ ଶତପଥୀ, ଅନନ୍ତ କର, ଇଂ. ଦିଗନ୍ତ ରାଉତ, ଦୁଷ୍ମନ୍ତ ନାୟକ, ଅଧ୍ୟାପକ ଅକ୍ଷୟ ପଣ୍ଡା, ବିବେକାନନ୍ଦ ଜେନା, ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ଖବରଦାତା ନିତ୍ୟାନନ୍ଦ ମହାଳିକ, ବଟକୃଷ୍ଣ ପ୍ରଧାନ, ଅଶୋକ ପତି, ସରୋଜ ଦେ, ଅଭିମନ୍ୟୁ ଦାଶ, ସୁବ୍ରତ କୁମାର ବେହେରା, ଭାଗିରଥୀ ସାମଲ, ପ୍ରଦୀପ୍ତ ନାଥ, ରାଜେନ୍ଦ୍ର ବେହେରା, ସରୋଜ ତ୍ରିପାଠୀ, ପ୍ରଫୁଲ୍ଲ ସାହୁ ଓ ଅକ୍ଷୟ ଦେଓଙ୍କ ସମେତ ଶତାଧିକ ସ୍ୱୟଂସେବକ ଏବଂ ବୁଦ୍ଧିଜୀବୀ ଉପସ୍ଥିତଥିଲେ। ଶେଷରେ ମକର ଚାଉଳ ଭୋଗ ପରିବେଷଣ କରାଯାଇଥିଲା।



କାର୍ଯ୍ୟକ୍ରମରେ ଯୋଗଦେଇଥିବା ଆର୍‌ଏସ୍‌ଏସ୍‌ର କର୍ମକର୍ତ୍ତା।

# ଚନ୍ଦ୍ରଶେଖର ପଣ୍ଡା ସରକାରୀ ଓକିଲ ମନୋନୀତ

**ଯାଜପୁର, ୧୪।୧ (ହର୍ଷବର୍ଦ୍ଧନ ବେହେରା):**



ଯାଜପୁର ଜିଲାର ଆଇନ ଅଧିକାରୀ ତଥା ଲ’ ଅଫିସରଙ୍କ ନାମ ମଙ୍ଗଳବାର ରାଜ୍ୟ ଆଇନ ବିଭାଗ ପକ୍ଷରୁ ଘୋଷଣା କରାଯାଇଛି। ଏଥିରେ ବରିଷ୍ଠ ଆଇନଜୀବୀ ଯାଜପୁର ରୋଡର ଚନ୍ଦ୍ରଶେଖର ପଣ୍ଡା ସରକାରୀ ଓକିଲ ତଥା ଗର୍ଭରମେଣ୍ଟ ପ୍ଲିଡର ଭାବେ ମନୋନୀତ ହୋଇଛନ୍ତି। ସେହିପରି ସ୍ୱତନ୍ତ୍ର ପିପି(ଏନଡିପିଏସ ଆକ୍ଟ) ଭାବେ ମଧୁସୁଦନ ମହନ୍ତ ଓ ସ୍ୱତନ୍ତ୍ର ପିପି(ଏସସି ଆଣ୍ଡ ଏସଟି ଆକ୍ଟ) ଭାବେ ଜଗଦେବ ଗଡନାୟକ ରହିଛନ୍ତି। କ୍ରିମିନାଲ ଓ ସିଭିଲ କୋର୍ଟର ଅତିରିକ୍ତ ସରକାରୀ ପ୍ଲିଡର ଓ ପିପି ଭାବେ ସରୋଜ କୁମାର ସିଂହ, କୁଳମଣି ନାୟକ, ଆଲୋକ କୁମାର ପାଣି, ସୀତାଂଶୁ ଶେଖର ମହାନ୍ତି, ପ୍ରତାପ ରାୟ, ଶ୍ରୀନିବାସ ସାହୁ, ଦିଲୀପ ଦାସ, ଚିତ୍ତରଞ୍ଜନ ମିଶ୍ର, ଅଲିପ ନାୟକ, ବିରୁପାକ୍ଷ ପାଢ଼ୀ, ଶରତ କୁମାର ବେହୁରିଆ, ଅମର ରାଉତ, ଶୋଭେନ କୁମାର ପଣ୍ଡା, ରମଣୀ ରଞ୍ଜନ ସାହୁ, ଭକ୍ତବତ୍ସଳ ସାହୁ, ପ୍ରଶାନ୍ତ ଦାସ, ଚନ୍ଦ୍ରଶେଖର ରାୟ, ପୁଷ୍ପମିତ୍ର ଦାସ, କ୍ରୀତିରଞ୍ଜନ କର, ସମରଜିତ ମହାନ୍ତି, ଫନିନ୍ଦ୍ର ମିଶ୍ର, ଦିଲୀପ କୁମାର ମିଶ୍ର, ଗୁଣମଣି ପାଣିଗ୍ରାହୀ, ସନ୍ତୋଷ କୁମାର ସାମଲ, ସୁରେନ୍ଦ୍ର ସର, ଲିପ୍‌ସିତା ରାଉତରାୟ, ରୁଦ୍ରାଣି ନନ୍ଦନ ଧଳ, ଦୀନବନ୍ଧୁ ନାୟକ, ସତ୍ୟଜିତ ସ୍ୱାଇଁ, ଧ୍ରୁବଚରଣ ବେହେରା, ଦୀପ୍ତିପୁଷ୍ପା ଦାସ ଓ ଶୁଭ୍ରାଂଶୁ ଶେଖର ରାୟ ପ୍ରମୁଖ ରହିଛନ୍ତି।

# ଆବାକସ ଗଣିତ ପ୍ରତିଯୋଗିତା, ଭାଗନେଲେ ୧୭୦ ଛାତ୍ରୀଛାତ୍ର

**ବଡ଼ଚଣା, ୧୪।୧ (ଦିଲୀପ କୁମାର ମହାନ୍ତି):**

ଚଣ୍ଡିଖୋଲସ୍ଥିତ ଡିୟୁ ପବ୍ଲିକ ସ୍କୁଲ କ୍ୟାମ୍ପସ ଖୋଲା ପଡ଼ିଆରେ ବୁଧବାର ଆବାକସ ଗଣିତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯାଜପୁର ଜିଲାର ବିଭିନ୍ନ ବିଦ୍ୟାଳୟରୁ ୧୭୦ରୁ ଅଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରି ଆବାକସ କୌଶଳ ମାଧ୍ୟମରେ ଗତି ଗଣନା, ସଠିକତା ଏବଂ ମାନସିକ ଗଣିତରେ ସେମାନଙ୍କ ଅସାଧାରଣ ଦକ୍ଷତା ପ୍ରଦର୍ଶନ କରିଥିଲେ। ବିଚାରକମାନେ ଉତ୍ତର ପତ୍ରଗୁଡ଼ିକର ମୂଲ୍ୟାଙ୍କନ କରି ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ପୁରସ୍କାର ଧାରକ ଘୋଷଣା କରିଥିଲେ। ଅଂଶଗ୍ରହଣକାରୀଙ୍କୁ ୪ ଭିନ୍ନଭିନ୍ନ ବର୍ଗ ଗୋଷ୍ଠୀରେ ବିଭକ୍ତ କରାଯାଇଥିଲା। ପ୍ରତ୍ୟେକଙ୍କୁ ବୟସ ଏବଂ ଶିକ୍ଷଣସ୍ତର ଅନୁସାରେ ସୃଜନଶୀଳ ଭାବରେ ନାମିତ କରାଯାଇଥିଲା। ଏହାପରେ ବିଜେତା ଓ ସମସ୍ତ ଅଂଶଗ୍ରହଣକାରୀଙ୍କୁ ପୁରସ୍କାର ବଣ୍ଟନ କରାଯାଇଥିଲା। ଶିକ୍ଷାବିତ ସୁଧୀର ସାମଲ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଆବାକସ ଶିକ୍ଷାର ଗୁରୁତ୍ୱ ଉପରେ ଆଲୋକପାତ କରି ଛାତ୍ରୀଛାତ୍ରଙ୍କୁ ପ୍ରେରଣା ଦେଇଥିଲେ। ଅନୁଷ୍ଠାନର ନିର୍ଦ୍ଦେଶକ ବିଶ୍ୱଜିତ ମହାପାତ୍ର, ସୁଜାତା ମହାପାତ୍ର, ରାଜଶ୍ରୀ ମହାପାତ୍ର ଏବଂ ରଞ୍ଜିତ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରତିଯୋଗିତା ଆୟୋଜନରେ ସ୍କୁଲର ଶିକ୍ଷକ ଏବଂ କର୍ମଚାରୀ ସହଯୋଗ କରିଥିଲେ।

# ଓଳାଶୁଣୀ ଗୁମ୍ଫା ମେଳା ଆରମ୍ଭ

## ମହାପୁରୁଷଙ୍କ ସମାଧି ପୀଠ ଦର୍ଶନ କଲେ ଶ୍ରଦ୍ଧାଳୁ



ମହାପୁରୁଷ ସନ୍ଥ ଅରକ୍ଷିତ ଦାସଙ୍କ ସମାଧି।

**ଚଣ୍ଡିଖୋଲ, ୧୪।୧ (ପ୍ରଦୀପ୍ତ କୁମାର ପୃଷ୍ଟି):**

ଯାଜପୁର ଜିଲାର ପ୍ରସିଦ୍ଧ ଓଳାଶୁଣୀ ଗୁମ୍ଫା ମେଳା ବୁଧବାରଠାରୁ ଆରମ୍ଭ ହୋଇଛି। ପ୍ରାତଃ ସମୟରେ ମହାପୁରୁଷ ସନ୍ଥ ଅରକ୍ଷିତ ଦାସଙ୍କ ସମାଧି ମନ୍ଦିରରେ ପ୍ରଥମେ ପତାକା ଲଗାଯାଇଥିଲା। ଏହାପରେ ବଡ଼ସିଂହାର ବେଶ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ପ୍ରଥମ ଭୋଗ ଲାଗି ପରେ ଶୁଖୁଆପଡ଼ା ଗ୍ରାମରୁ ଆସିଥିବା ପୋଡ଼ପିଠା ଭୋଗ ଅର୍ପଣ କରାଯାଇଥିଲା। ପରେ ଭକ୍ତ ପୋଡ଼ପିଠା ଭୋଗ ଲାଗି କରି ଓଳାଶୁଣୀ ପାହାଡ ଶୀର୍ଷ ଦେଶରେ ଥିବା ମହା ସମାଧି ମନ୍ଦିର ସମ୍ମୁଖ ବଡ଼ଦାଣ୍ଡରେ ମହାପ୍ରସାଦ ସେବନ କରିଥିଲେ।

ଓଳାଶୁଣୀ ପାହାଡ଼ ପାଦ ଦେଶରେ ଥିବା ମେଳା ପଡ଼ିଆରେ ବହୁ ଅସ୍ଥାୟୀ ଦୋକାନ ଖୋଲାଯାଇଛି। ଜିଲା ପ୍ରଶାସନର ପ୍ରସ୍ତୁତି ବୈଠକରେ ପାହାଡ଼ ପାଦଦେଶରୁ ଶୀର୍ଷ ଦେଶ ପର୍ଯ୍ୟନ୍ତ ଯାଇଥିବା ରାସ୍ତା ଆଲୋକୀ କରଣ କରାଯିବ ବୋଲି ସୂଚନା ଦିଆଯାଇଥିଲା। ମାତ୍ର ମେଳା ଆରମ୍ଭ ପ୍ରଥମ ଦିନରେ ରାସ୍ତା ସମ୍ପୂର୍ଣ୍ଣ ଅନ୍ଧାର ରହିଥିବା ଦେଖାଯାଇଛି। ଏହି ଅନ୍ଧାର ରାସ୍ତାରେ ଲୋକେ ପାହାଡ ଉପରକୁ ଚଢ଼ି ଯାଉଥିବା ଦେଖିବାକୁ ମିଳିଛି।


**HDFC BANK** We understand your world

# AUCTION SALE NOTICE

The borrowers, in particular, and the public, in general, are hereby notified that public auction of gold ornaments / security pledged in the below accounts is proposed to be conducted. The auction is of the gold ornaments / security of borrowers who have defaulted to pay, as per the terms of Loan Agreement signed & accepted by them, despite notices by HDFC Bank Limited (the "Bank") to clear the loan dues. The Bank had also issued a notice to the borrowers whereby, 7 days' time was given to repay the entire outstanding dues in the below accounts, failing which Bank would be at liberty to auction the entire pledged gold security without issuing further notice. The borrowers have neglected and failed to make payment, therefore, Bank in exercise of its rights under the loan agreement as a pledgee has decided to enforce the pledge over gold security by selling the entire gold ornaments / security by way of auction and recover the dues owed by the borrowers to the Bank.

**The auction will be conducted at the below mentioned branch/s on 22-January-2026 from 2:30 Pm onwards. In the event the auction of any pledged security cannot be conducted or concluded on the date mentioned, the Bank reserves the right to conduct or proceed with the said auction on any subsequent date and time.**

| Sl. No | LOAN NO. | BORROWER'S NAME | LOAN AMOUNT | Place of Auction (Branch Address) |
|---|---|---|---|---|
| 1 | 75531294 | JAGADISH BARIK | 382900 | **HDFC BANK LTD,** 1ST FLOOR, DALA CHHAK, NEAR SBI, JAJPUR ROAD, JAJPUR-755019 |
| 2 | 4000635608 | FIROJ EKKA | 157000 | |
| 3 | 76021307 | ABANTI DEHURY | 91000 | **HDFC BANK LTD,** AT-PANDUA, PO-KOTAGARA, AANLABARENI, DHENKANAL-759026 |
| 4 | 75250471 | DEVI PRASAD BEHERA | 40500 | |
| 5 | 75551989 | GYANA RANJAN BASTIA | 46000 | **HDFC BANK LTD,** BAJRAKABATI ROAD, CUTTACK-753001 |
| 6 | 75349400 | SUCHISMITA PATTANAYAK | 57000 | **HDFC BANK LTD,** BHABA NAGAR SQUARE, BRAHMAPUR, GANJAM-760004 |
| 7 | 75948600 | SARWAN GOSAIN | 61400 | **HDFC BANK LTD,** BIRAMITRAPUR, NEAR NEW BUS STAND, SUNDARGARH, ODISHA-770033 |
| 8 | 75798940 | RAHUL NAIK | 241800 | **HDFC BANK LTD,** DHIPASAHI, STATION ROAD, BARIPADA-757001 |
| 9 | 75609290 | DHIREN MOHAPATRA | 44000 | |
| 10 | 75366852 | ARAKSHITA SWAIN | 266300 | **HDFC BANK LTD,** DURGA BAZAR, JAGATSINGHAPUR, ODISHA-754103 |
| 11 | 75985309 | NAIM KHAN | 177900 | |
| 12 | 75670443 | CHANDAN KUMAR SAHOO | 170100 | |
| 13 | 75265052 | ARAKSHITA SWAIN | 169700 | |
| 14 | 75423633 | ARAKSHITA SWAIN | 169300 | |
| 15 | 75723936 | CHANDAN KUMAR SAHOO | 153400 | |
| 16 | 75202988 | MANORANJAN MOHARANA | 152500 | |
| 17 | 75556142 | ARAKSHITA SWAIN | 109900 | |
| 18 | 75769659 | TASLIM KHAN | 94600 | |
| 19 | 75747973 | TASLIM KHAN | 74400 | |
| 20 | 75972726 | ASISH KUMAR PALURI | 35900 | |
| 21 | 4000871030 | BISHNU PRIYA MEHER | 469800 | **HDFC BANK LTD,** DURGA COMPLEX, JHARSUGUDA-768201 |
| 22 | 4000715165 | BISHNU PRIYA MEHER | 185000 | |
| 23 | 74355548 | SHANTANU BUDA | 51000 | |
| 24 | 465885155 | BUDRAM SUNDI | 42000 | **HDFC BANK LTD,** DWIBEDI BHAWAN, BISRA ROAD, ROURKELA-769001 |
| 25 | 75947184 | SUBHRANSU BEHERA | 41500 | |
| 26 | 4000715272 | TAHARAT ANSARI | 31000 | |
| 27 | 75742461 | BIJAY KUMAR GUPTA | 77600 | **HDFC BANK LTD,** GOLEI CHHAK, MAIN ROAD, RAIRANGPUR, MAYURBHANJ, ODISHA - 757043 |
| 28 | 4000492000 | KANHU RANA | 49300 | **HDFC BANK LTD,** GRD. FLOOR, PLOT NO. 2528, RATHA SAHI, RAIRAKHOL, SAMBALPUR, ODISHA - 768106 |
| 29 | 75733075 | AMIT MANDAL | 96100 | **HDFC BANK LTD,** GROUND FLOOR, NUAGUDA, OPP. FCI-I, ARTS COLLEGE ROAD, MALKANAGIRI-764048 |
| 30 | 75835149 | BISWANATH KOPE | 71100 | |
| 31 | 75597551 | TAPAS KUMAR ARUK | 27000 | **HDFC BANK LTD,** GROUND FLOOR, POKHARIAPADA, PATTAMUNDAI, KENDRAPADA-754215 |
| 32 | 74155434 | KRUSHNA CHANDRA NAYAK | 184000 | **HDFC BANK LTD,** JEYPORE MAIN ROAD, NEAR NH INSPECTION BUNGALOW, KORAPUT, JEYPORE-764001 |
| 33 | 75300304 | GOURAB BHATRA | 143600 | |
| 34 | 4000556702 | PRIYANKA TAKRI | 86000 | |
| 35 | 75970511 | BHIMA SANTA | 75000 | |
| 36 | 75963775 | LILLY HEAAL | 42000 | |
| 37 | 74822730 | ABHI BHUMIYA | 30000 | |
| 38 | 75615080 | ANIL KUMAR PARIDA | 406000 | **HDFC BANK LTD,** KALINGA ROAD, HOLDING NO 123/106, WARD NO 11, ASIKA, GANJAM-761110 |
| 39 | 75594426 | TULU SWAIN | 49000 | |
| 40 | 75202562 | PINKU SAHOO | 45300 | **HDFC BANK LTD,** KIIT CAMPUS 5, NEAR KIMS, ADMINISTRATIVE BLOCK, PATIA, BHUBANESWAR-751024 |
| 41 | 75272266 | SANDHYA SWAIN | 80400 | **HDFC BANK LTD,** MAIN ROAD, BHANJANAGAR, GANJAM-761126 |
| 42 | 4000938981 | SARAT PRAVA PANIGRAHI | 112000 | **HDFC BANK LTD,** MAIN ROAD, GOSANINUAGAON, BERHAMPUR-760003 |
| 43 | 75475069 | SANTOSH KUMAR GOUDA | 27000 | |
| 44 | 75939545 | JYOTI PRAKASH | 170000 | **HDFC BANK LTD,** MAIN ROAD, NEAR RELIANCE TRENDS, BALUGAON-752030 |
| 45 | 75763152 | BHABENDU PRASAD RANA | 92000 | **HDFC BANK LTD,** MANIKESWARI CHOWK, BHAWANIPATNA, KALAHANDI-766001 |
| 46 | 75674403 | AMARLAL SI | 22000 | |
| 47 | 75346397 | SANJAY KHORA | 111500 | **HDFC BANK LTD,** NALCO, BIJU PATTNAIK CHOWK, DAMANJODI, KORAPUT-763008 |
| 48 | 75891325 | RANJITA RANI HIAL | 70000 | |
| 49 | 75927818 | GOPAL JALA | 56500 | **HDFC BANK LTD,** NEAR R.T.O OFFICE, NH-26, KORAPUT-764020 |
| 50 | 4000297040 | KALANDI CHARAN NAIK | 34600 | **HDFC BANK LTD,** OPPOSITE SESSIONS COURT, KHANDAPADA ROAD, NAYAGARH-752069 |
| 51 | 75151110 | BABITA GOUDA | 90700 | **HDFC BANK LTD,** PAKALAVARI STREET, CITY POST OFFICE ROAD, GANJAM, BRAHMAPORE-760002 |
| 52 | 75759710 | SUNITA BEHERA | 83000 | **HDFC BANK LTD,** PANCHGACHIA, BARAIPALI, SAMBALPUR, ODISHA-768006 |
| 53 | 75822562 | BISWABANDITA SAHOO | 277000 | **HDFC BANK LTD,** PATRAPADA, BHUBANESWAR, KHURDA-751019 |
| 54 | 75038852 | RAKESH KUMAR PATI | 85700 | |
| 55 | 75954280 | SUKANTI PRUSTY | 26000 | |
| 56 | 75263098 | JAGANNATH JIT | 56800 | **HDFC BANK LTD,** PLOT NO 191, 204, 205, 206, OPPOSITE KEDAR GOURI TEMPLE, UNIT - 36, SAMANTARAPUR, BHUBANESWAR-751014 |
| 57 | 75963529 | JITU NAYAK | 52800 | |
| 58 | 4000843527 | JOULU RAMU | 62400 | **HDFC BANK LTD,** PLOT NO- 447, BHAGWAN TRADE CENTER, NEAR IFFCO SQUARE, ATHARBANKI, PARADEEP-754142 |
| 59 | 75283151 | BIBHUDATTA NAYAK | 35000 | |
| 60 | 75360656 | BIJAY KUMAR SAHOO | 63500 | **HDFC BANK LTD,** PLOT NO-323/1000, INFRONT OF NEW BUS STAND, PO-PALLAHATA, KHURDA-762056 |
| 61 | 50200078686772 | DIPAK RANJAN PANDA | 571890.93 | **HDFC BANK LTD,** PURNA GOURI MARKET COMPLEX, MATHA SAHI, DAHANI GADIA, BHADRAK-756100 |
| 62 | 75536525 | GANESH CHANDRA PRADHAN | 83000 | **HDFC BANK LTD,** PURNA GOURI MARKET COMPLEX, MATHA SAHI, DAHANI GADIA, BHADRAK-756100 |
| 63 | 4000676889 | GANDARAM PADHAN | 101000 | **HDFC BANK LTD,** R K TOWERS, DAILY MARKET, BOLANGIR-767001 |
| 64 | 75947326 | JAUTIKA SANDH | 49500 | |
| 65 | 75902313 | MAKUNDA RANA | 43400 | |
| 66 | 75884184 | SASMITA MUGRI | 39000 | |
| 67 | 74793930 | JAGAN NAG | 34300 | |
| 68 | 75538887 | JAGAN NAG | 31000 | |
| 69 | 75948373 | MALATI BARIHA | 31000 | |
| 70 | 75971281 | ANUPAMA BHOI | 26200 | |
| 71 | 75782529 | RAJESH KUMAR DAS | 99700 | **HDFC BANK LTD,** SHANKAR CINEMA ROAD, ANGUL, ODISHA - 759122 |
| 72 | 466120451 | BIJAY BINDHANI | 57000 | **HDFC BANK LTD,** WARD NO- 08, BADABAZAR, DEULASAHI, BARIPADA, MAYURBHANJ-757001 |

The auction shall be conducted on an "AS IS WHERE IS" and the "AS IS WHAT IS" basis and the Bank is not making and shall not make any representations or warranties as regards the quality, purity, caratage, weight or valuation of the said gold ornaments. It shall be the sole and absolute responsibility of the potential purchasers to verify, examine and satisfy themselves about the quality, purity, caratage, weight or valuation of the said gold ornaments prior to placing their bids and for such purpose it shall be open to potential purchasers to examine, at their sole cost and expense, and at the address set out hereinabove, the gold ornaments whether with or without expert advice 45 minutes prior to the time stipulated for the conduct of the auction. All bids shall be subject to such minimum reserve price as the Bank may deem fit to fix in this regard. The auction value will be based on the closing price of gold as per IBJA (India Bullion and Jewellers Association Ltd.) on the previous day. The auction process and the sale (if any) pursuant to such auction shall be subject to such further terms and conditions as the Bank may at its sole discretion deem fit to impose. If the borrower(s) mentioned above pays the amount due to the bank in terms of the Loan agreement in his individual loan account in full before the auction as mentioned above, the pledged ornaments securing the said loan may be withdrawn by the bank from the said auction without any further notice. Please note that it is the absolute discretionary power of the undersigned authorized officer of the Bank, either to postpone or to cancel the auction proceedings without prior notice and without assigning any reason therefore and to reject any or all the bids or offers without assigning any reason for the same.

**Date : 15/01/2026, Place : ODISHA** — **Sd/- Authorized Officer, HDFC BANK LTD.**

**କାର ଧକ୍କାରେ ଶ୍ରମିକଙ୍କ ମୃତ୍ୟୁ**

ପାରାଦୀପ, (ଶରତ ରାଉତ): ପାରାଦୀପ ଆଦର୍ଶ ଥାନା ଅନ୍ତର୍ଗତ କଲେଜ ରୋଡ଼ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ଆଗରେ ବୁଧବାର ରାତିରେ କାର ଧକ୍କାରେ ବାଇକ୍ ଆରୋହୀ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଷଣ୍ଢକୁଦ ବସ୍ତିର ଦିନ ମଜୁରିଆ ଭାବେ କାମ କରୁଥିବା ଅଜୟ କରଣ (୪୫)। ସେ ଏକ ଲୁନା ଗାଡ଼ିରେ ଷଣ୍ଢକୁଦ ଅଭିମୁଖେ ଯାଉଥିବା ବେଳେ ବେଳାଭୂମି ରାସ୍ତା ପଟୁ ଯାଉଥିବା ଏକ କାର ନଂ. ଓଡି୦୨ବିଏମ ୦୯୩୩ ସମ୍ମୁଖରୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଅଜୟଙ୍କ ମୃତ୍ୟୁ ଘଟିଛି। ୨ଟି ହମ୍ପସ୍ ଉପରେ ଗାଡିକୁ ସିନେମା ଷ୍ଟାଇଲରେ ଉଡାଇ ନେଇ ରାସ୍ତା କଡ଼ରେ ପିଟି ହୋଇଯାଇଥିଲେ। ଖବର ଲେଖା ହେବା ସୁଦ୍ଧା ମୃତଦେହ ରାସ୍ତାରେ ପଡିକି ରହିଛି। ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ସଂକ୍ଷେପରେ

### ସ୍ତ୍ରୀଙ୍କୁ କାଚ ବୋତଲରେ ଭୁସି ମାରିବାକୁ ଉଦ୍ୟମ

ନାଉଗାଁ, ୧୪।୧ (ସୁଧା ବେହୁରା)

ନାଉଗାଁ ଥାନା ଅନ୍ତର୍ଗତ ଡାବର ଗାଁର ଜଣେ ମହିଳାକୁ ତାଙ୍କ ସ୍ୱାମୀ କାଚ ବୋତଲ ଭାଙ୍ଗି ଭୁସି ମାରିଦେବାକୁ ଉଦ୍ୟମ କରିଥିବା ବୁଧବାର ଅଭିଯୋଗ ହୋଇଛି। ଅଭିଯୋଗକାରୀ କଲ୍ୟାଣୀଙ୍କ ଅଭିଯୋଗ ମୁତାବକ, ୩ବର୍ଷ ତଳେ ଉକ୍ତ ଗାଁର ବିନୋଦ ଜେନାଙ୍କୁ ସେ ପ୍ରେମ ବିବାହ କରିଥିଲେ। କିଛିଦିନ ଭଲରେ କଟିବା ପରେ ବିନୋଦ ତାଙ୍କୁ ଶାରୀରିକ ଓ ମାନସିକ ଯନ୍ତ୍ରଣା ଦେଇଥିଲେ। ୨୦୨୪ ସେପ୍ଟେମ୍ବର ୨୩ ରେ ପଞ୍ଚାୟତବାସୀଙ୍କ ପକ୍ଷରୁ ଏକ ବିଚ୍ଛେଦ ପତ୍ର କରାଯାଇଥିଲା। ସେହି ବିଚ୍ଛେଦ ପତ୍ରକୁ ଭିତ୍ତିକରି ମହିଳା ଅଦାଲତରେ ମାମଲା ରୁଜୁ ହୋଇଛି। ସେହିଦିନଠାରୁ କଲ୍ୟାଣୀ ବାପ ଘରେ ରହି ଆସୁଛନ୍ତି। ବୁଧବାର ବାପ ଘରେ ଶୋଇଥିବା ବେଳେ ସ୍ୱାମୀ ବିନୋଦ ଅପରାହ୍ନରେ ପହଞ୍ଚି ଏକ କାଚ ବୋତଲ ସ୍ତ୍ରୀ ପିଠିରେ ଭୂଷି ଦେଇଥିଲେ। ପରେ ପାଟିରେ ଏକ ଗାମୁଛା ଭର୍ତ୍ତି କରିଦେଇଥିଲେ। ପିଠିରୁ ପ୍ରବଳ ରକ୍ତସ୍ରାବ ହେବାରୁ ସାନ ଭଉଣୀ ଉଦ୍ଧାର କରିବାବେଳେ ତାଙ୍କୁ ମାରିବା ସହ ପରିବାରକୁ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଆକ୍ରମଣ କରି ଖସିଯିବାକୁ ବସିଥିବାବେଳେ ଗ୍ରାମବାସୀ ତାଙ୍କ ଧରି ପୋଲିସର ଜିମା ଦେଇଥିଲା। କଲ୍ୟାଣୀଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ବାଲିକୁଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖାଯିବା ସହିତ ତଦନ୍ତ ଜାରି ରହିଥିବା ଆଇଆଇସି ପ୍ରଦୀପ୍ତ କାନୁନ୍‌ଗୋ କହିଛନ୍ତି।

### ଫାଣ୍ଡି ଅଧିକାରୀଙ୍କୁ ଗ୍ରାମବାସୀଙ୍କ ପକ୍ଷରୁ ଦାବିପତ୍ର ପ୍ରଦାନ

**ରାସ୍ତା ନିର୍ମାଣକୁ ନେଇ ଛୁରି ଭୁସା ଘଟଣା**

ନାଉଗାଁ, ୧୪।୧ (ସୁଧା ବେହୁରା)

ନାଉଗାଁ ଥାନା କୋରୁଅ ଗ୍ରାମ ଦେଇ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ମୁଖ୍ୟମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ରାସ୍ତା ନିର୍ମାଣ କରାଯାଉଛି। ଏହି ଏହି ରାସ୍ତା ନିର୍ମାଣକୁ ନେଇ ମଙ୍ଗଳବାର ଠିକାଦାରଙ୍କ କାମ ବୁଝୁଥିବା ସଞ୍ଜୟ ଭୋଇଙ୍କୁ ଛୁରିରେ ଭୂସି ଗୁରୁତର କରାଯାଇଥିଲା। ତାଙ୍କୁ ବଞ୍ଚାଇବାକୁ ଯାଇ ସୁଶୀଲ କୁମାର ପରିଡା ଆହତ ହୋଇଥିଲେ। ପଞ୍ଚାୟତର ଲିଟୁ ସ୍ୱାଇଁ, ରାଜା ପଲେଇ ଓ ଅନ୍ୟ ଜଣେ ପିଲା ଆସି ଏଭଳି କାଣ୍ଡ ଭିଆଇଥିଲେ। ଏହି ଘଟଣାରେ ବୁଧବାର କୋରୁଅ ଗ୍ରାମବାସୀଙ୍କ ପକ୍ଷରୁ ଏକ ଦାବିପତ୍ର ଗାରୋଇ ଫାଣ୍ଡି ଅଧିକାରୀଙ୍କ ମାଧ୍ୟମରେ ନାଉଗାଁ ଥାନାଧିକାରୀଙ୍କ ଅବଗତି ନିମନ୍ତେ ପଠାଯାଇଛି। ଉକ୍ତ ଦାବିପତ୍ରକୁ ଗ୍ରାମର ନଗେନ୍ଦ୍ର ନାଥ ନାୟକ, କାମଦେବ ଦଳାଇ, ବିଜୟ ବେହେରା, ଅରଣ୍ୟ ନାୟକ ଆଦି ଗ୍ରାମବାସୀ ଫାଣ୍ଡିରେ ପହଞ୍ଚି ପ୍ରଦାନ କରିଛନ୍ତି। ଦାବି ମୁତାବକ, ଉକ୍ତ ଗ୍ରାମର କେତେଜଣ ବ୍ୟକ୍ତି ଏକ ସଙ୍ଗଠନ କରି ଆତଙ୍କ ସୃଷ୍ଟି କରୁଛନ୍ତି। ଛୁରି ଭୂଷା ସମ୍ପର୍କରେ ଗ୍ରାମବାସୀ ପଚାରିବାରୁ ରାଜା ପଲେଇଙ୍କ ସମେତ ତାଙ୍କ ବୋଉ ଓ ଭଣଜା ଗାଳି ଗୁଲଜ କରୁଛନ୍ତି। ସେମାନଙ୍କୁ ଗ୍ରାମରୁ ବିଦା ନ କଲେ ଗ୍ରାମବାସୀ ଶାନ୍ତିରେ ରହି ପାରିବୁନାହିଁ ବୋଲି ଆପଣଙ୍କୁ ଜଣାଇଲୁ। ଯଦି ଉକ୍ତ ଘଟଣାକୁ ପୋଲିସ ନ ବୁଝେ ଆଗାମୀଦିନରେ କିଛି ଅଘଟଣ ଘଟିଲେ ପ୍ରଶାସନ ଦାୟୀ ରହିବ ବୋଲି ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ଫାଣ୍ଡି ଅଧିକାରୀ ପ୍ରଶାନ୍ତ କୁମାର ପ୍ରଧାନଙ୍କୁ ପଚାରିବାରେ ଅଭିଯୋଗ ମୁତାବକ ମାମଲା ରୁଜୁ କରାଯିବା ସହ ଲିଟୁ ସ୍ୱାଇଁଙ୍କୁ ଗିରଫ କରାଯାଇ କୋର୍ଟକୁ ପଠାଯାଇଛି। ଯଥାଶୀଘ୍ର ଅନ୍ୟଜଣଙ୍କୁ ଧରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ଆରମ୍ଭ ହେଲା ୪୨ ବର୍ଷର ମକର ମେଳା

- ଘଣ୍ଟ, ଘଣ୍ଟା ବାଦ୍ୟରେ ପଞ୍ଚୁଦୋଳ ମେଳଣ
- ପଥର ଓ ଗୃହିଣୀ ସାମଗ୍ରୀ ଆକର୍ଷିତ କରିବ

ଜଗତ୍‌ସିଂହପୁର, ୧୪।୧ (ପ୍ରମୋଦ କୁମାର ନାୟକ)



ସୋମନାଥ ହାଟ ମକର ମେଳାରେ ପଞ୍ଚୁଦୋଳ ମେଳଣ।

ଦିନ ଥିଲା ଜଗତ୍‌ସିଂହପୁରର ମକର ମେଳା ଦେଖିବାକୁ କେବଳ ଜିଲ୍ଲା ନୁହେଁ, ବାହାରୁ ସହସ୍ରାଧିକ ଲୋକଙ୍କ ଭିଡ ହେଉଥିଲା। ଏପରି କି ଲୋକେ ଅପେରା ଦେଖିବାକୁ ବ୍ୟାକୁଳ ହେଉଥିଲେ। କିନ୍ତୁ ସମୟଚକ୍ରରେ ଦୀର୍ଘ ୪୨ବର୍ଷ ଭିତରେ ଅନେକ କିଛି ପରିବର୍ତ୍ତନ ହୋଇଯାଇଛି। ଆଗଭଳି ମକର ମେଳାର ଆକର୍ଷଣ ନ ଥିଲେ ସୁଦ୍ଧା ଛାପ ଏବେ ବି ଅନେକଙ୍କୁ ବାନ୍ଧି ରଖିଛି। ଯେଉଁ କାରଣରୁ ମକର ଯାତ୍ରା ଚିରାଚରିତ ଢ଼ଙ୍ଗରେ ହୋଇଚାଲିଛି। ଏହି ଆଧାରରେ ବୁଧବାରଠାରୁ ଆରମ୍ଭ ହୋଇଛି ଏହି ପ୍ରସିଦ୍ଧ ମକର ମେଳା। ସ୍ଥାନୀୟ ସୋମନାଥ ହାଟ ପରିସରରେ ହେଉଥିବା ଏହି ମେଳାରେ ପଞ୍ଚୁଦୋଳ ମେଳଣ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଛି। କେବଳ ଏତିକି ନୁହେଁ, ଏହି ପରିସରରେ ଜିଲ୍ଲା ତଥା ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଶତାଧିକ ବ୍ୟବସାୟୀ ଷ୍ଟଲ ଖୋଲିବା ଆରମ୍ଭ କରିଛନ୍ତି।

ଜଗତ୍‌ସିଂହପୁରର ମକର ମେଳା ଏକ କୃଷିଭିତ୍ତିକ ଉତ୍ସବ କହିଲେ ଅତ୍ୟୁକ୍ତି ହେବନାହିଁ। କାରଣ ଏହି ସମୟରେ ଚାଷୀ ଧାନ ଅମଳ ସାରି ଏକ ପ୍ରକାର ହାଲ୍‌କା ସ୍ଥିତିରେ ଥାଆନ୍ତି। ତେଣୁ ଚାଷୀଙ୍କ ମନୋରଞ୍ଜନ ପାଇଁ ୪୨ବର୍ଷ ପୂର୍ବରୁ ଏହି ମକର ମେଳାର ପରିକଳ୍ପନା କରାଯାଇଥିଲା। ଏହା ଅତିକମ୍‌ରେ ୧୫ ଦିନ ପର୍ଯ୍ୟନ୍ତ ଚାଲେ। ବିଶେଷକରି ଗାଁ ଗହଳିର ସ୍ତ୍ରୀ, ପିଲାଛୁଆଙ୍କ ଭିଡ଼ ନିଆରା ପରିବେଶ ସୃଷ୍ଟି କରିଥାଏ। ଏହି ମେଳାର ବିଶେଷତ୍ୱ ହେଉଛି ସେଠାରେ ପଥର ତିଆରି ସାମଗ୍ରୀଠାରୁ, ଘର କରଣା ଜିନିଷ, ସୁସ୍ୱାଦୁ ଖାଦ୍ୟ ଓ ପିଲାଙ୍କ ଖେଳଣା ଆଦି ଅନେକ କିଛି ମିଳେ। ଏପରି କି କାଠ, ଲୁହା, ପିତଳ, ତମ୍ବା ତିଆରି ଅନେକ ସାମଗ୍ରୀ ପସନ୍ଦ ମୁତାବକ କିଣିବାର ସୁଯୋଗ ମିଳିଥାଏ। ରାମ ଦୋଳି, ସର୍କସ ଓ ମେଜିକ୍ ଆଦି ମନୋରଞ୍ଜନର ମାଧ୍ୟମ ହୋଇଥାଏ। ଯେହେତୁ ଜଗତ୍‌ସିଂହପୁର ଏକ କୃଷି ପ୍ରଧାନ ଜିଲ୍ଲା ତେଣୁ ମକର ସଂକ୍ରାନ୍ତୀ ପୂର୍ବରୁ ଚାଉଳ ଅମଳ ସରିଥାଏ। ନୂଆ ଚାଉଳ ଖାଇବା ପୂର୍ବରୁ ଏହାକୁ ମକର ସଂକ୍ରାନ୍ତୀରେ ଭୋଗ କରାଯାଇଥାଏ। ଏହି ପରମ୍ପରାକୁ ବଜାୟ ରଖିବା ସହ ମେଳାର ଆୟୋଜନ ହୋଇଆସୁଛି। ଏହିଦିନ ସ୍ଥାନୀୟ ହାଟବଜାରସ୍ଥିତ ମୁଚୁକୁନ୍ଦ ସୋମନାଥ ମହାଦେବଙ୍କ ପୀଠରେ ୫ ଦୋଳ ମେଳଣ ହୋଇଥାଏ। ଚଳିତବର୍ଷ ଅନୁରୂପ ଭାବେ ମେଳଣ ହୋଇଛି। ବୁଧବାର ଚାରିଦୋଳ ଅର୍ଥାତ୍ ଉତ୍ତର ପଟୁ ସିପିସ୍ଥିତ ମୁକ୍ତେଶ୍ୱର, ଦକ୍ଷିଣରୁ ଦେଭୋଗର (ରସଲପୁର) ରାଧାମାଧବ, ପୂର୍ବ ଚାତ୍ରାର ଶ୍ରୀରାଧାକାନ୍ତ ଏବଂ ପଶ୍ଚିମ ପଟୁ ଏହି ଗ୍ରାମରେ ଅବସ୍ଥିତ ରାଧାକାନ୍ତ ମେଳଣ ପଡିଆକୁ ଘଣ୍ଟ, ଘଣ୍ଟା ଆଦି ବାଦ୍ୟରୋଳ ସହ ଶୋଭାଯାତ୍ରାରେ ଆସିଥିଲେ। ଥାନପତି ମୁଚୁକୁନ୍ଦ ସୋମନାଥ ମହାଦେବ ୪ ଦୋଳଙ୍କୁ ସ୍ୱାଗତ କରି ମେଳଣ ସ୍ଥଳ ପର୍ଯ୍ୟନ୍ତ ନେଇ ଯାଇଥିଲେ। ପରେ ପଞ୍ଚୁଦୋଳ ମେଳଣ ପାଇଁ ସମସ୍ତ ପୂଜାପାଠ, ମକର ଚାଉଳ ଭୋଗ ହୋଇଥିଲା। ସଂକୀର୍ତ୍ତନରେ ସମଗ୍ର ଅଞ୍ଚଳ ଉଛୁଳି ପଡ଼ିଥିଲା।

## ଢିଙ୍କିଆ ଶିଳ୍ପ ବିରୋଧୀଙ୍କ କଳା ଦିବସ ପାଳିତ



ମା’ଫୁଲଖାଇ ମନ୍ଦିର ପ୍ରାଙ୍ଗଣରେ ଶିଳ୍ପ ବିରୋଧୀଙ୍କ ପକ୍ଷରୁ କଳା ଦିବସ ପାଳନ କରାଯାଉଛି।

କୁଜଙ୍ଗ, ୧୪।୧ (ମନୋଜ ପ୍ରଧାନ)

ଜେଏସ୍‌ଡବ୍ଲ୍ୟୁ ପ୍ରକଳ୍ପକୁ ବିରୋଧ କରି ଆନ୍ଦୋଳନ କରୁଥିବା ଢ଼ିଙ୍କିଆ ପଞ୍ଚାୟତର ଶିଳ୍ପ ବିରୋଧୀଙ୍କୁ ୨୦୨୨ ଜାନୁୟାରୀ ୧୪ରେ କମ୍ପାନୀର ସ୍ୱାର୍ଥ ପାଇଁ ପୋଲିସ ବାହିନୀ ଦ୍ୱାରା ଲୋକଙ୍କୁ ଦୁର୍ବ୍ୟହାରର ସହ ଲାଠି ମାଡ଼ କରାଯାଇଥିଲା। ଏପରିକି ଆବାଳ ବୃଦ୍ଧବନିତା ମଧ୍ୟ ବର୍ବୋରଚିତ ପୋଲିସ ଆକ୍ରୋଶରୁ ବାଦ ପଡ଼ି ନ ଥିଲେ। ଯାହାକି ଉକ୍ତ ଘଟଣା ସେତେବେଳେ ସମଗ୍ର ଓଡ଼ିଶାରେ ଆଲୋଡନ ସୃଷ୍ଟି କରିଥିଲା। ଉକ୍ତ ଅମାନୁଷିକ ଘଟଣାୟକୁ ନିନ୍ଦା କରି ଉକ୍ତ ଦିବସକୁ କଳା ଦିବସ ଭାବେ ପ୍ରତିବର୍ଷ ପରି ଚଳିତବର୍ଷ ପୋସ୍କୋ–ଜିନ୍ଦଲ ପ୍ରତିରୋଧ ସଂଗ୍ରାମ ସମିତି ଓ ନାରାୟଣ ବୀରବର ସାମନ୍ତ ଚାରିଟେବୁଲ ଟ୍ରଷ୍ଟର ମିଳିତ ସହଯୋଗରେ ଢ଼ିଙ୍କିଆସ୍ଥିତ ମା’ ଫୁଲଖାଇ ମନ୍ଦିର ପ୍ରାଙ୍ଗଣରେ ପାଳିତ ହୋଇଯାଇଛି। ଏହି ୪ର୍ଥ ବାର୍ଷିକ କଳା ଦିବସରେ ନାରାୟଣ ବୀରବର ସାମନ୍ତ ଚାରିଟେବୁଲ ଟ୍ରଷ୍ଟର ଅଧ୍ୟକ୍ଷ ସୁଶାନ୍ତ ଶେଖର ସ୍ୱାଇଁ, ଶିଳ୍ପ ବିରୋଧୀ ପ୍ରଦୀପ ଶତପଥୀ, କାଶୀନାଥ ମହାପାତ୍ର, ନାରୀନେତ୍ରୀ ଶାନ୍ତି ଦାସ, ସଂଗ୍ରାମ ପ୍ରଧାନ, ଅଜୟ ଦାସ, ଦିଲୀପ ଦାସ, ଗୌତମ ଦାସ, ସଂଘମିତ୍ରା ମଲିକ, ଗଗନ ମଲ୍ଲିକ, ପ୍ରଭାତ ନାୟକ, ସଂଗ୍ରାମ ଦାସ, ଲିଟନ ଦାସ, ସୁବାସ ଦାସ, ତନୁ ଦାସ, ଶୈଳ ଦାସ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇ ପୋଲିସ ସେଦିନର ଅମାନବୀୟ କାର୍ଯ୍ୟକୁ ନିନ୍ଦା କରିଥିଲେ। ସେମାନେ ଆଞ୍ଚଳିକ ପରିବେଶ ସୁରକ୍ଷା ଦୃଷ୍ଟିରୁ ଜେଏସ୍‌ଡବ୍ଲ୍ୟୁକୁ ଅଞ୍ଚଳରୁ ବିଦା କରିବା ପାଇଁ ସରକାରଙ୍କ ନିକଟରେ ଦାବି କରିଥିଲେ।

# ଚକା ବନ୍ଦ କଲେ ବେସରକାରୀ ବସ୍ ମାଲିକ



ଜଗତ୍‌ସିଂହପୁର ବସ୍‌ଷ୍ଟପ୍‌ରେ ବେସରକାରୀ ବସ୍ ଚଳାଚଳ ବନ୍ଦ ରହିଛି।

ଜଗତ୍‌ସିଂହପୁର, ୧୪।୧ (ପ୍ରମୋଦ କୁମାର ନାୟକ)

**ବ୍ଲକ ଅଞ୍ଚଳରୁ ଜିଲ୍ଲା ମୁଖ୍ୟାଳୟ ସରକାରୀ ବସ୍ ଚାଲିଛି**

ରାଜ୍ୟ ସରକାର ଓଡ଼ିଶାରେ ଲୋକଙ୍କ ଗମନାଗମନ ସୁବିଧା ପାଇଁ ମୁଖ୍ୟମନ୍ତ୍ରୀ ବସ୍ ସେବା (ଏମ୍‌ବିଏସ୍) ଯୋଜନା କାର୍ଯ୍ୟକାରୀ କରିଛନ୍ତି। ନିକଟରେ ମୁଖ୍ୟମନ୍ତ୍ରୀ ଏହି ବସ୍ ବ୍ଲକ ମୁଖ୍ୟାଳୟରୁ ଜିଲ୍ଲା ମୁଖ୍ୟାଳୟ ଯାତାୟାତ କରିପାରିବ ବୋଲି ଅନୁମତି ଦେଇଛନ୍ତି। ଏହାଦ୍ୱାରା କମ୍ ଟଙ୍କାରେ ସୁରକ୍ଷିତ ଭାବେ ଲୋକେ ଯାତାୟାତ କରିପାରିବେ। କିନ୍ତୁ ଏହି ବସ୍ ଜଗତ୍‌ସିଂହପୁର ଜିଲ୍ଲା ମୁଖ୍ୟାଳୟକୁ ଗଡ଼ିଲା ପରେ ପ୍ରାରମ୍ଭରୁ କିଛିଟା ବାଧା ସୃଷ୍ଟି ହୋଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଯାତ୍ରୀ ସରକାରୀ ବସ୍‌ରେ ଯାତାୟାତ କରୁଛନ୍ତି। କିନ୍ତୁ ଜଗତ୍‌ସିଂହପୁର ସଦର ମହକୁମା ବସ୍‌ଷ୍ଟପ୍‌ରେ ବୁଧବାର ବେସରକାରୀ ବସ୍ ମାଲିକମାନେ ଚକାବନ୍ଦ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଫଳରେ ଯାତ୍ରୀମାନେ ହନ୍ତସନ୍ତ ହୋଇଛନ୍ତି।

ଜଗତ୍‌ସିଂହପୁର, ପାରାଦୀପ ଓ ଜିଲାର ଅନ୍ୟ ଅଞ୍ଚଳକୁ ଗଡୁଥିବା ବେସରକାରୀ ବସ୍‌ଗୁଡିକ ଅଟକି ଯିବାରୁ ଯାତ୍ରୀ ସେବା ବାଧାପ୍ରାପ୍ତ ହୋଇଛି। ବେସରକାରୀ ବସ୍ ମାଲିକମାନେ ପୂର୍ବରୁ କୌଣସି ସୂଚନା ନ ଦେଇ ହଠାତ୍ ଚକା ବନ୍ଦ କରିଦେବାରୁ ଯାତ୍ରୀମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏ ସମ୍ପର୍କରେ ଜଗତ୍‌ସିଂହପୁର ବସ୍‌ଷ୍ଟପରେ କେତେଜଣ ଯାତ୍ରୀ ପ୍ରତିକ୍ରିୟାରେ କହିଥିଲେ, ବେସରକାରୀ ବସ୍ ମାଲିକାମନେ ଲୋକମାନଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦେଇ ଅନ୍ତତଃ ଆଗୁଆ ଧର୍ମଘଟ କରିବେ ବୋଲି ଜଣାଇଥିଲେ ଭଲ ହୋଇଥାନ୍ତା। ସେମାନେ ବସ୍ ଯାଉ ନ ଥିବା ଜଗତ୍‌ସିଂହପୁରରେ ପହଞ୍ଚି ଜାଣୁଛନ୍ତି। ଏବେ ବହୁ ଅଟୋ ଭଡ଼ା କରି ଖର୍ଚ୍ଚାନ୍ତ ହେବାକୁ ବାଧ ହେଉଛନ୍ତି। ଅନ୍ୟଜଣେ ମହିଳା କହିଥିଲେ ସେ କଟକ ବଡ଼ ଡାକ୍ତରଖାନା ଯିବା ପାଇଁ ଜଗତ୍‌ସିଂହପୁରରେ ପହଞ୍ଚିଥିଲେ। ହେଲେ ହଠାତ୍ ବସ୍ ଷ୍ଟପ ସ୍ଥାନରେ ଜାଣିବାକୁ ପାଇଲେ କି ବେସରକାରୀ ବସ୍ ମାଲିକମାନେ ଧର୍ମଘଟ କରିଛନ୍ତି। ଏ ପରିସ୍ଥିତିରେ ସେ କଟକ କିପରି ଯିବେ ସେନେଇ ଚିନ୍ତାରେ ପଡ଼ି ଯାଇଛନ୍ତି। ଏଭଳି ଅନେକ ଯାତ୍ରୀ ବେସରକାରୀ ବସ୍ ଚକା ବନ୍ଦ ଯୋଗୁ ନିରାଶ ହୋଇଛନ୍ତି। ଏ ସମ୍ପର୍କରେ ବେସରକାରୀ ବସ୍ ମାଲିକ ସଂଘ ପକ୍ଷରୁ କୁହାଯାଇଛି, ସରକାରୀ ବସ୍ କମ ଟଙ୍କାରେ ଯାତ୍ରୀଙ୍କୁ ନେବା ଆଣିବା କରୁଛି। ଯେଉଁ ଅର୍ଥରେ ବେସରକାରୀ ବସ୍ ଗଡ଼ିବା ସମ୍ଭବ ନୁହେଁ। ସରକାର କିଲୋମିଟର ପିଛା ଗୋଟିଏ ଦର ସ୍ଥିର କଲେ ସେମାନଙ୍କର କୌଣସି ଆପତ୍ତି ନାହିଁ। ଯଦି ସରକାର ତାହା ନ କରିବେ ତେବେ ସେମାନଙ୍କ ବସ୍ ନେଇଯାଆନ୍ତୁ ବୋଲି ପ୍ରତିକ୍ରିୟାରେ କହିବା ସହ ବାଧ ହୋଇ ଚକା ବନ୍ଦ ଆନ୍ଦୋଳନ କରିଥିବା କହିଛନ୍ତି। ସୂଚନାଯୋଗ୍ୟ ଯେ, ଜଗତ୍‌ସିଂହପୁର ଜିଲାରେ ମୋଟ ୪୦ଟି ବସ୍ ଏମ୍‌ବିଏସରେ ଗଡୁଛି। ବୁଧବାର କେତେଗୋଟି ବସ ଜଗତ୍‌ସିଂହପୁର ବସ୍ ଷ୍ଟପରେ ପହଞ୍ଚିଥିଲା। ଏହାପରେ ଏକାଧିକ ବେସରକାରୀ ବସ୍ ଉକ୍ତ ସ୍ଥାନରେ ଅଟକି ଯାଇଥିଲା। ସମ୍ଭାବ୍ୟ ପରିସ୍ଥିତିକୁ ଏଡାଇବା ପାଇଁ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ଯେହେତୁ ସରକାରୀ ନିଷ୍ପତ୍ତିରେ କୌଣସି ପରିବର୍ତ୍ତନ ହେବନାହିଁ ବୋଲି ଜିଲାପାଳ ସ୍ପଷ୍ଟ କରି ଦେଇଛନ୍ତି ତେଣୁ ବେସରକାରୀ ବସ୍ ମାଲିକମାନେ ପୂର୍ବପରି ଚକା ବନ୍ଦ ଆନ୍ଦୋଳନ ଜାରି ରଖିଛନ୍ତି।

# ମକର ସଂକ୍ରାନ୍ତି ଉପଲକ୍ଷେ ଗୋରେଖନାଥ ପୀଠ ଉତ୍ସବମୁଖର

ରଘୁନାଥପୁର, ୧୪।୧ (ରାଜେନ୍ଦ୍ର ନାରାୟଣ ସିଂହ)

ରଘୁନାଥପୁର ବ୍ଲକ କେରେକେରାସ୍ଥିତ ପ୍ରଭୁ ଗୋରେଖନାଥ ପୀଠ ପବିତ୍ର ମକର ସଂକ୍ରାନ୍ତି ଉପଲକ୍ଷେ ବୁଧବାର ଉତ୍ସବ ମୁଖର ହୋଇଉଠିଥିଲା। ବଡ଼ି ଭୋରୁ ପ୍ରଭୁଙ୍କ ମଙ୍ଗଳା ଆଳତି କାର୍ଯ୍ୟ ସମାପନ ପରେ ପୀଠକୁ ଦର୍ଶନାର୍ଥିଙ୍କ ଆଗମନ ହୋଇଥିଲା। ଭିଡକୁ ଦୃଷ୍ଟିରେ ରଖି ପୀଠ ପ୍ରଶାସନ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା। ପୂର୍ବାହ୍ନ ଠାରୁ ପୀଠକୁ ଆସିବାକୁ ଥିବା ତିନୋଟି ରାସ୍ତାରେ ଟ୍ରାଫିକ ଜାମ ସମସ୍ୟା ଯାତ୍ରୀଙ୍କ ପାଇଁ କାଳ ହୋଇଥିଲା। ଆବଶ୍ୟକ ସଂଖ୍ୟକ ପୋଲିସ ବ୍ୟବସ୍ଥା ନ ଥିବାରୁ ରାସ୍ତାରେ ଶତାଧିକ ବାଇକ୍ ଓ କାର ଭିଡ଼ରେ ଘଣ୍ଟା ଘଣ୍ଟା ଫସି ରହିଥିଲେ। ଏପରିକି ସଂକୀର୍ଣ୍ଣ ରାସ୍ତାରେ ପାଦରେ ଚାଲିଚାଲି ଆସୁଥିବା ପଥଚାରୀମାନେ ଯାତାୟାତ ପାଇଁ ସମସ୍ୟା ଭୋଗିଥିଲେ। ଏହି ପରିପ୍ରେକ୍ଷୀରେ ସ୍ଥାନୀୟ ଯୁବକ ସଂଘର ସଦସ୍ୟମାନେ ଭିଡକୁ ନିୟନ୍ତ୍ରଣ କରିଥିଲେ। ଭୋରୁ ପୂଜକ ଦିଲୀପ କୁମାର ପଣ୍ଡା ପ୍ରଭୁଙ୍କୁ ଚିତାଲାଗି କରିଥିଲେ। ପରେ ପାଳିଆ ସେବକଙ୍କ ଦ୍ୱାରା ଦିନତମାମ ପୂଜାନୀତି ଜାରି ରହିଥିଲା। ପୀଠରେ ଭଜନ କୀର୍ତ୍ତନ ଲାଗି ରହିବା ସହ ମାନସିକଧାରୀଙ୍କ ପକ୍ଷରୁ ପୂଜାର୍ଚ୍ଚନା କରାଯାଇଥିଲା। ଭିଡକୁ ଦୃଷ୍ଟିରେ ରଖି ପୀଠ ପ୍ରଶାସନ ପକ୍ଷରୁ ବ୍ୟାପକ ପାନୀୟଜଳ ଓ ଶୌଚାଳୟର ବ୍ୟବସ୍ଥା କରାଯାଇଥିଲା। ଡାକବାଜି ଯନ୍ତ୍ର ଯୋଗେ ଆଗନ୍ତୁକ ଭକ୍ତଙ୍କୁ ପକେଟମାରୁଙ୍କ ପ୍ରତି ସଚେତନ ରହିବାକୁ କୁହାଯିବା ସହ ଭିଡ ମଧ୍ୟରେ ହଜି ଯାଉଥିବା ଛୋଟ ପିଲାଙ୍କୁ ସେମାନଙ୍କ ପରିବାର ନିକଟରେ ପହଞ୍ଚାଇବାର ବ୍ୟବସ୍ଥା କରାଯାଇଥିଲା। ପୀଠ କିରାଣି ସରୋଜ କୁମାର ସାହାଣୀଙ୍କ ସହ ସମସ୍ତ କର୍ମଚାରୀମାନେ ଉପସ୍ଥିତ ରହି ଆବଶ୍ୟକ ସୁବିଧା ଉପଲବ୍ଧ କରାଇଥିଲେ। ରାତି ପର୍ଯ୍ୟନ୍ତ ପୀଠରେ ଗହଳି ଲାଗି ରହିଥିଲା।

# ମହିଳା ସଶକ୍ତ ହେଲେ ପରିବାରର ଉନ୍ନତି ସମ୍ଭବ

- ଶିଳ୍ପମନ୍ତ୍ରୀଙ୍କ ଦ୍ୱାରା ଗ୍ରାମ୍ୟ ଶିଳ୍ପ ଉଦ୍ୟାନ ଉଦ୍‌ଘାଟିତ
- କାଫେ, ଉତ୍ପାଦକ ସାମଗ୍ରୀ ବିପଣ ପାଇଁ ମହିଳା ଗୋଷ୍ଠୀଙ୍କୁ ପ୍ରାଧାନ୍ୟ

ରଘୁନାଥପୁର, ୧୪।୧ (ରାଜେନ୍ଦ୍ର ନାରାୟଣ ସିଂହ)




ଉତ୍ସବରେ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ , ଏମ୍‌ପି ବିଭୁ ପ୍ରସାଦ ତରାଇ ଓ ଅନ୍ୟମାନେ।

ରାଜ୍ୟ ସରକାରଙ୍କ ପଞ୍ଚାୟତିରାଜ ପାନୀୟଜଳ ବିଭାଗ ଆନୁକୂଲ୍ୟ ତଥା ଓରମାସ ଦ୍ୱାରା ରଘୁନାଥପୁର ବ୍ଲକ ଅନ୍ତର୍ଗତ ଖଣ୍ଡତରିଠାରେ ବହୁ ପ୍ରତିକ୍ଷିତ ଗ୍ରାମ୍ୟ ଶିଳ୍ପ ଉଦ୍ୟାନକୁ ଶିଳ୍ପ, ବୈଷୟିକ ଶିକ୍ଷା ଓ ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ବୁଧାର ଉଦ୍‌ଘାଟନ କରିଛନ୍ତି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ତିର୍ତ୍ତୋଲ ବିଧାୟକ ପ୍ରଫେସର ରମାକାନ୍ତ ଭୋଇ, ଜଗତ୍‌ସିଂହପୁର ଏମ୍‌ପି ବିଭୁ ପ୍ରସାଦ ତରାଇ ଓ ଭାଜପା ନେତା ରାଜକିଶୋର ବେହେରା ଯୋଗଦେଇଥିଲେ। ରଘୁନାଥପୁର ବିଡିଓ ବିରଞ୍ଚି ନାରାୟଣ ବେହେରାଙ୍କ ପୌରୋହିତ୍ୟରେ ଅପରାହ୍ନରେ ଆୟୋଜିତ ଉତ୍ସବରେ ମନ୍ତ୍ରୀ ସ୍ୱାଇଁ ଉପସ୍ଥିତ ହୋଇ ଏହାକୁ ଉଦ୍‌ଘାଟନ କରିଥିଲେ। ସେ ତାଙ୍କ ବକ୍ତବ୍ୟରେ ମହିଳା ସଶକ୍ତ ହେଲେ ପରିବାରର ଉନ୍ନତି ସମ୍ଭବ ବୋଲି କହିଥିଲେ। ସମ୍ମାନୀତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ସୁଷମା ମଲ୍ଲିକ, ଛପଡ଼ା ସରପଞ୍ଚ ଅମିତା ଖୁଣ୍ଟିଆ, ଜଡତିରା ସରପଞ୍ଚ ବିକ୍ରମ ସାହୁ, ଜିଲାପରିଷଦ ସଭ୍ୟା ରୀନାରାଣୀ ମଲ୍ଲିକ ଓ ଇତିଶ୍ରୀ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ଓରମାସ ପକ୍ଷରୁ ୨ ମହିଳା ଗୋଷ୍ଠୀ ଯଥା ସାଦେଇପୁରସ୍ଥିତ ଠାକୁର ଅଭିରାମ୍ ଏସ୍‌ଏଚଜିକୁ ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ(କାଫେ) ଓ ଜଇପୁର ବୟନ ଗ୍ରାମ ମହିଳା ଉତ୍ପାଦକ ଗୋଷ୍ଠୀ ଶ୍ରୀରାମ ହ୍ୟାଣ୍ଡଲୁମ ଏଣ୍ଟରପ୍ରାଇସଙ୍କୁ ହସ୍ତତନ୍ତ ଉତ୍ପାଦକ ସାମଗ୍ରୀ ବିପଣ ନିମନ୍ତେ ସୁଯୋଗ ଦିଆଯାଇଛି। ଉତ୍ସବରେ ବିଶେଷ କରି ଜଗତ୍‌ସିଂହପୁର ସୂତା ବ୍ରାଣ୍ଡକୁ ସାର୍ବଜନୀନ କରାଯିବା ସହ ଏହି ଶିଳ୍ପ ଉଦ୍ୟାନରେ ୧୫୦ରୁ ଊର୍ଦ୍ଧ୍ୱ ମହିଳା ଆତ୍ମନିର୍ଭରଶୀଳ ହୋଇପାରିବେ। ସେହିପରି ପଥଚାରୀମାନଙ୍କ ପାଇଁ ସୁଲଭ ମୂଲ୍ୟରେ ମହିଳାଙ୍କ ଦ୍ୱାରା ହାତ ତିଆରି ଖାଦ୍ୟ ସାମଗ୍ରୀ ଉପଲବ୍ଧ ହୋଇପାରିବ ବୋଲି ବୋଲି ଓରମାସ ଡେପୁଟି ସିଇଓ ମଧୁସ୍ମିତା ସାହୁ କହିଥିଲେ। ଜିଲାପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରବିନାରାୟଣ ଜେଠୀ, ତହସିଲଦାର ରାଜଲକ୍ଷ୍ମୀ ନାୟକ, ସିଡିପିଓ ତୃପ୍ତିଲତା ମହାନ୍ତି, ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସୁଚିସ୍ମିତା ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଓଏଲଏମ୍, ବିପିଏମ୍ ଲିପିକା ଷଡଙ୍ଗୀ ସମସ୍ତ କାର୍ଯ୍ୟ ପରିଚାଳନା କରିଥିବାବେଳେ ମିଶନ ଶକ୍ତି ବିପିସି ଶଶାଙ୍କ ଶେଖର ସ୍ୱାଇଁ, ଭବେଶ କୁମାର ବେହେରା, ସରୋଜ କୁମାର ଦାସ, ଶେଷଦେବ ସେଠୀଙ୍କ ସହ ସମସ୍ତ ବ୍ଲକ କର୍ମଚାରୀ ସହଯୋଗ କରିଥିଲେ।


HDFC BANK
We understand your world

## AUCTION SALE NOTICE

The borrowers, in particular, and the public, in general, are hereby notified that public auction of gold ornaments / security pledged in the below accounts is proposed to be conducted. The auction is of the gold ornaments / security of borrowers who have defaulted to pay, as per the terms of Loan Agreement signed & accepted by them, despite notices by HDFC Bank Limited (the "Bank") to clear the loan dues. The Bank had also issued a notice to the borrowers whereby, 7 days' time was given to repay the entire outstanding dues in the below accounts, failing which Bank would be at liberty to auction the entire pledged gold security without issuing further notice. The borrowers have neglected and failed to make payment, therefore, Bank in exercise of its rights under the loan agreement as a pledgee has decided to enforce the pledge over gold security by selling the entire gold ornaments / security by way of auction and recover the dues owed by the borrowers to the Bank.
**The auction will be conducted at the below mentioned branch/s on 22-January-2026 from 2:30 Pm onwards. In the event the auction of any pledged security cannot be conducted or concluded on the date mentioned, the Bank reserves the right to conduct or proceed with the sale auction on any subsequent date and time.**

| Sl. No | LOAN NO. | BORROWER'S NAME | LOAN AMOUNT | Place of Auction (Branch Address) |
|---|---|---|---|---|
| 1 | 75531294 | JAGADISH BARIK | 382900 | HDFC BANK LTD, 1ST FLOOR, DALA CHHAK, NEAR SBI, JAJPUR ROAD, JAJPUR-755019 |
| 2 | 4000635608 | FIROJ EKKA | 157000 | |
| 3 | 76021307 | ABANTI DEHURY | 91000 | HDFC BANK LTD, AT-PANDUA, PO-KOTAGARA, AANLABARENI, DHENKANAL-759026 |
| 4 | 75250471 | DEVI PRASAD BEHERA | 40500 | |
| 5 | 75551989 | GYANA RANJAN BASTIA | 46000 | HDFC BANK LTD, BAJRAKABATI ROAD, CUTTACK-753001 |
| 6 | 75349400 | SUCHISMITA PATTANAYAK | 57000 | HDFC BANK LTD, BHABA NAGAR SQUARE, BRAHMAPUR, GANJAM-760004 |
| 7 | 75948600 | SARWAN GOSAIN | 61400 | HDFC BANK LTD, BIRAMITRAPUR, NEAR NEW BUS STAND, SUNDARGARH, ODISHA-770033 |
| 8 | 75798940 | RAHUL NAIK | 241800 | HDFC BANK LTD, DHIPASAHI, STATION ROAD, BARIPADA-757001 |
| ୭୮ | ୬୧୧/ ୪୫୨୦ | ୮୮୨ | ଶାରଦ-୧ | ୦.୦୭୫ | ଏ.୦.୦୭୫ଡି | ସୁକାନ୍ତ ବେହେରା, ପି:ବୁଦ୍ଧ ସାହୁ ଓରଫ ବୁଧି ସାହୁ, ବା:ପ୍ଲଟ ନଂ.୮୧୮, ବ୍ରାହ୍ମଣ ସାହୁ, ପଟିଆ, ଜଗନ୍ନାଥ ମନ୍ଦିର ନିକଟ, କଳାରାହାଙ୍ଗ କିଟ୍, ଥା-ଇନଫୋସିଟି, ଜି-ଖୋର୍ଦ୍ଧା |
| ୭୯ | ୬୧୧/ ୪୫୧୪ | ୮୮୨/ ୧୨୨୬୭ | ଶାରଦ-୧ | ୦.୦୭୫ | ଏ.୦.୦୭୫ ଡି | କାଳନ୍ଦି ସାହୁ ଓରଫ କାଳନ୍ଦି ବେହେରା, ପି:ଗୋପୀନାଥ ସାହୁ, ଜା:କେଉଟ, ବା:ବ୍ରାହ୍ମଣସାହି, ଜଗନ୍ନାଥ ମନ୍ଦିର ପାଖ, ଥା-ଇନଫୋସିଟି, ଭୁବନେଶ୍ୱର, ଜି-ଖୋର୍ଦ୍ଧା |
| ୮୦ | ୫୦୩ | ୮୮୩ | ଶାରଦ-୧ | ୦.୩୧୦ | ଏ.୦.୧୨୫ ଡି | ଦେବାଶିଷ ରାୟ, ପି: ଲଲାଟେନ୍ଦୁ କେଶରୀ ରାୟ ସାମନ୍ତ, ମଞ୍ଜୁବାଳା ରାୟ, ସ୍ୱା:ଲଲାଟେନ୍ଦୁ କେଶରୀ ରାୟ ସାମନ୍ତ, ଗୌରଚନ୍ଦ୍ର ରାଏ ସାମନ୍ତ, ପି:କୃପାସିନ୍ଧୁ ରାଏ ସାମନ୍ତ, ଜା:କ୍ଷତ୍ରିୟ ଉପେନ୍ଦ୍ର ରାଏ ସାମନ୍ତ, ପି:କୃପାସିନ୍ଧୁ ରାଏ ସାମନ୍ତ, ବା:ପଟିଆ |
| ୮୧ | ୫୦୩ | ୮୮୪ | ଶାରଦ-୧ | ୦.୩୬୦ | ଏ.୦.୧୧୦ଡି | ଦେବାଶିଷ ରାୟ, ପି: ଲଲାଟେନ୍ଦୁ କେଶରୀ ରାୟ ସାମନ୍ତ, ମଞ୍ଜୁବାଳା ରାୟ, ସ୍ୱା:ଲଲାଟେନ୍ଦୁ କେଶରୀ ରାୟ ସାମନ୍ତ, ଗୌରଚନ୍ଦ୍ର ରାଏ ସାମନ୍ତ, ପି:କୃପାସିନ୍ଧୁ ରାଏ ସାମନ୍ତ, ଜା:କ୍ଷତ୍ରିୟ ଉପେନ୍ଦ୍ର ରାଏ ସାମନ୍ତ, ପି:କୃପାସିନ୍ଧୁ ରାଏ ସାମନ୍ତ, ବା:ପଟିଆ |
| ୮୨ | ୬୧୧/ ୩୪୫୦ | ୮୮୫ | ଶାରଦ-୨ | ୦.୪୫୦ | ଏ.୦.୧୬୫ ଡି | ମେସର୍ସ ଶୁଭମ ଇଷ୍ଟକନ ପ୍ରା.ଲିଃ ପ୍ଲଟ ନଂ. ୪୩୮୭/ ୪୮୧୯ ଅପୋଜିଟ ରାଧିକା ଟାୱାର ଟଙ୍କପାଣି ରୋଡ, ପି ବା:ଭୁବନେଶ୍ୱର, ଜି-ଖୋର୍ଦ୍ଧା ତରଫ ପରିଚାଳନା ନିର୍ଦ୍ଦେଶକ ଶାରଦା ପ୍ରସନ୍ନ ପଣ୍ଡା, ପି: ଜୟହରି ପଣ୍ଡା, ଜା:ବ୍ରାହ୍ମଣ, ବା: ପ୍ଲଟ ନଂ.୧୩୪୪, ଖରାଖିଆ ବୈଦ୍ୟନାଥ ଲେନ, ପୁରୁଣା ଭୁବନେଶ୍ୱର,ଥା:ଲିଙ୍ଗରାଜ, ଜି:ଖୋର୍ଦ୍ଧା |
| ୮୩ | ୬୧୧/ ୨୧୫୮ | ୮୮୬ | ଶାରଦ-୧ | ୦.୩୨୦ | ଏ.୦.୦୦୭ଡି | ପଦ୍ମାଳୟା ପଣ୍ଡା, ସ୍ୱା:ରବିନ୍ଦ୍ର ନାଥ ପଣ୍ଡା, ସୌଭାଗ୍ୟ କୁମାର ପଣ୍ଡା, ପି:ରବିନ୍ଦ୍ର ନାଥ ପଣ୍ଡା, ବା: ଦକ୍ଷ ବ୍ରହ୍ମପୁର, ଥା/ଜି-କେନ୍ଦ୍ରାପଡା |
| ୮୪ | ୩୦୯ | ୮୮୮ | ଡାଲୁଅ-୧ | ୧.୦୬୦ | ଏ.୦.୪୬୫ ଡି | ଅଭୟ ବଡଜେନା, ଅଜୟ ବଡଜେନା, ପି:ବନମାଳୀ ଜେନା, ଜା:ଖଣ୍ଡାୟତ, ବା:ପଟିଆ |
| ୮୫ | ୨୧୬ | ୯୧୧ | ଡାଲୁଅ-୧ | ୦.୪୮୦ | ଏ.୦.୦୦୫ଡି | ଅଭୟ ଜେନା, ଅଜୟ ଜେନା, ପି:ବନମାଳି ଜେନା,ଜା:ଖଣ୍ଡାୟତ, ବା:ପଟିଆ, ନାବ ପାଇକରା, ପି:ଗୋବର୍ଦ୍ଧନ ପାଇକରା, ଜା:ଖଣ୍ଡାୟତ, ବା:ବରମୁଣ୍ଡା, ସୁଧୀର ବଡଜେନା, ସ୍ୱା:ଗଣେଶ୍ୱର ଜେନା, କିଶୋର କୁମାର ବଡଜେନା, ବିଶ୍ୱଜିତ ବଡଜେନା, ପ୍ରିୟଙ୍କା ବଡଜେନା, ପି:ଗଣେଶ୍ୱର ଜେନା, ଅକ୍ଷୟ କୁମାର ଜେନା, ଅରୁଣ କୁମାର ଜେନା, ବିଜୟ କୁମାର ଜେନା, ପି:ଦୈତାରି ଜେନା, ଜା:ଖଣ୍ଡାୟତ, ବା:ପଟିଆ |
| ୮୬ | ୨୬୮ | ୯୧୨ | ଶାରଦ-୧ | ୦.୬୧୦ | ଏ.୦.୩୬୦ଡି | ନାବ ପାଇକରା, ପି: ଗୋବର୍ଦ୍ଧନ ପାଇକରା, ଜା:ଖଣ୍ଡାୟତ, ବା:ବରମୁଣ୍ଡା, ଅଭୟ ଜେନା, ଅଜୟ ଜେନା, ପି:ବନମାଳି ଜେନା, କିଶୋର କୁମାର ବଡଜେନା, ବିଶ୍ୱଜିତ ବଡଜେନା, ପ୍ରିୟଙ୍କା ବଡଜେନା, ପି:ଗଣେଶ୍ୱର ଜେନା, ସୁଧୀର ଜେନା, ସ୍ୱା: ଗଣେଶ୍ୱର ଜେନା, ଅକ୍ଷୟ କୁମାର ଜେନା, ଅରୁଣ କୁମାର ଜେନା, ବିଜୟ କୁମାର ଜେନା, ପି:ଦୈତାରି ଜେନା, ଜା:ଖଣ୍ଡାୟତ, ବା:ପଟିଆ |
| ୮୭ | ୨୬୮ | ୯୧୩ | ଶାରଦ-୧ | ୦.୬୦୦ | ଏ.୦.୧୦୫ ଡି | ନାବ ପାଇକରା, ପି: ଗୋବର୍ଦ୍ଧନ ପାଇକରା, ଜା:ଖଣ୍ଡାୟତ, ବା:ବରମୁଣ୍ଡା, ଅଭୟ ଜେନା, ଅଜୟ ଜେନା, ପି:ବନମାଳି ଜେନା, କିଶୋର କୁମାର ବଡଜେନା, ବିଶ୍ୱଜିତ ବଡଜେନା, ପ୍ରିୟଙ୍କା ବଡଜେନା, ପି:ଗଣେଶ୍ୱର ଜେନା, ସୁଧୀର ଜେନା, ସ୍ୱା: ଗଣେଶ୍ୱର ଜେନା, ଅକ୍ଷୟ କୁମାର ଜେନା, ଅରୁଣ କୁମାର ଜେନା, ବିଜୟ କୁମାର ଜେନା, ପି:ଦୈତାରି ଜେନା, ଜା:ଖଣ୍ଡାୟତ, ବା:ପଟିଆ |
| ୮୮ | ୬୧୯/ ୪୬୨୩ | ୯୨୩ | ଶାରଦ-୨ | ୦.୧୪୦ | ଏ.୦.୦୨୦ଡି | ମମତା ମହାନ୍ତି, ସ୍ୱା: ଅମିୟ କୁମାର ମହାନ୍ତି, ଜା:କରଣ, ବା:ସା-ରଥଗଡାସାହି, ନିୟର ଜଗନ୍ନାଥ ଟେମ୍ପଲ, ପୋଷ୍ଟ-ପଟିଆ, ଥା-ଚନ୍ଦ୍ରଶେଖରପୁର, ବିବିଏସଆର |
| ୮୯ | ୫୭୯ | ୯୨୫ | ଶାରଦ-୨ | ୦.୦୬୦ | ଏ.୦.୦୧୫ଡି | ଶ୍ରୀ ଭାଗବତ ଗୋସାଇଁ ବିଜେ-ନିଜଗାଁ ମାରଫତ ବା:ସୁରଥ ଭୂୟାଁ, ପି:ମଦନ ଭୂୟାଁ, ଜା:ଗୋଲା, ବା:ଡମଣା |
| ୯୦ | ୪୭୪/ ୬୪୦୯ | ୯୨୬ | ଶାରଦ-୨ | ୦.୦୯୦ | ଏ.୦.୦୮୭ଡି | ଉପେନ୍ଦ୍ର କୁମାର ମହାନ୍ତି, ପି:ମଧୁସୁଦନ ମହାନ୍ତି, ବା:ପ୍ଲଟ ନଂ.ଆଚାର୍ଯ୍ୟ ବିହାର, ଭୁବନେଶ୍ୱର, ଜି-ଖୋର୍ଦ୍ଧା |
| ୯୧ | ୩୯୭ | ୯୨୭ | ଶାରଦ-୨ | ୦.୨୦୫ | ଏ.୦.୦୨୫ଡି | ବୈରାଗୀ ମହାରଣା, ପି:ଭ୍ରମର ମହାରଣା, ନିଶିକାନ୍ତ ମହାରଣା, ରଜନୀକାନ୍ତ ମହାରଣା, ଅଭିରାମ ମହାରଣା, ପି:ବାନାମ୍ବର ମହାରଣା, ଯୁଧିଷ୍ଠିର ମହାରଣା, ଦେବେନ୍ଦ୍ର ମହାରଣା, ରଶ୍ମିକାନ୍ତ ମହାରଣା, ପି:ଧୋଇ ମହାରଣା, ପୂର୍ଣ୍ଣିମା ମହାରଣା, ସ୍ୱା:ଧୋଇ ମହାରଣା, ଶଶିକାନ୍ତ ମହାରଣା, ଶିଶିରକାନ୍ତ ମହାରଣା, ଅନିତା ମହାରଣା, ଅମିତା ମହାରଣା, ଅମ୍ବିକା ମହାରଣା, ପି:ଜୟୀରାମ ମହାରଣା, ବାବାଜୀ ମହାରଣା,ପି:ଫକୀର ମହାରଣା, ଜା:ବଢେଇ, ବା:ପଟିଆ,ଦଖଲ ପୁନ ସାହୁ ଓଗେର ସିକିମ ଖାତା ନମ୍ବର-୩ ବା. |

# ପ୍ରସିଦ୍ଧ ବରୁଣେଶ୍ୱର ମେଳା ଆରମ୍ଭ

## ବାବାଙ୍କୁ ଦର୍ଶନ କଲେ ୫୦ ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ

**ବିଞ୍ଝାରପୁର,୧୪।୧(ରାମକୃଷ୍ଣ ଦାସ):**

ବିଞ୍ଝାରପୁର ବ୍ଲକ ଅରେଇସ୍ଥିତ ଶୈବପୀଠରେ ବୁଧବାର ମକର ସଂକ୍ରାନ୍ତିଠାରୁ ଆରମ୍ଭ ହୋଇଛି ପ୍ରସିଦ୍ଧ ବରୁଣେଶ୍ୱର ମେଳା। ଏହି ଅବସରରେ ବାବା ବରୁଣେଶ୍ୱର ମନ୍ଦିରରେ ପ୍ରତ୍ୟୁଷରୁ ବାବାଙ୍କ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିବା ପାଇଁ ଶ୍ରଦ୍ଧାଳୁ ଭିଡ଼ ଜମାଇଥିଲେ। ମକର ସଂକ୍ରାନ୍ତିରେ ବାବାଙ୍କ ସ୍ୱନକ୍ଷତ୍ର ହୋଇଥିବାରୁ ବର୍ଷସାରା ଜଳମଗ୍ନ ରହୁଥିବା ବାବାଙ୍କୁ ବ୍ରାହ୍ମ ମୁହୂର୍ତ୍ତରୁ ସେବାୟତଙ୍କ ଦ୍ୱାରା ଜଳ ନିଷ୍କାସିତ କରାଯାଇ ମଙ୍ଗଳ ଆଳତି କରାଯାଇଥିଲା। ପରେ ପୁଣ୍ୟତୋୟା କୁଶଭଦ୍ରା ନଦୀ ଆଳତି କରାଯିବା ସହ ବାବାଙ୍କ ବଡ଼ସିଂହାର ବେଶ କରାଯାଇଥିଲା। ମକର ସଂକ୍ରାନ୍ତିରେ ବାବାଙ୍କ ଦର୍ଶନ କଲେ ମନୋସ୍କାମନା ପୂର୍ଣ୍ଣ ହୁଏ ବୋଲି ବିଶ୍ୱାସ ରହିଛି। ସେଥିଲାଗି ବାବାଙ୍କ ଦର୍ଶନ ପାଇଁ ୫୦ହଜାରରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦେଖି ବିଞ୍ଝାରପୁର ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ପ୍ରଥା ମୁତାବକ ବାବାଙ୍କ ରୁଦ୍ରାଭିଷେକ କରାଯାଇଥିଲା। ବାବାଙ୍କ ରୁଦ୍ରାଭିଷେକ ମକର ସଂକ୍ରାନ୍ତିଠାରୁ ୫ ଦିନ ଧରି ହେବାର ପ୍ରଥା ରହିଆସିଛି।


ସଜେଇ ହୋଇଛି ବରୁଣେଶ୍ୱରୀ ମନ୍ଦିର।



ୟୁଥ୍ ଫୋରମ ପକ୍ଷରୁ କରାଯାଇଥିବା ବାଲୁକା କଳା।

### ବାବାଙ୍କ ପୂଜାର୍ଚ୍ଚନା କଲେ ଦୁଇ ପ୍ରତିଦ୍ୱନ୍ଦ୍ୱୀ ପ୍ରମିଳା, ବବିତା

ମକର ସଂକ୍ରାନ୍ତି ଅବସରରେ ମନୋସ୍କାମନା ପୂରଣ ପାଇଁ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପ୍ରମିଳା ମଲ୍ଲିକ ଓ ବବିତା ମଲ୍ଲିକ ଏକ ସମୟରେ ବାବାଙ୍କ ପୂଜାର୍ଚ୍ଚନା କରିବା ସହିତ ଆର୍ଶୀବାଦ ଭିକ୍ଷା କରିଛନ୍ତି। ଯାହାକି ସ୍ଥାନୀୟ ଅଞ୍ଚଳରେ ପ୍ରମୁଖ ଆଲୋଚନାର ବିଷୟ ପାଲଟିଛି।

### ୟୁଥଫୋରମ ପକ୍ଷରୁ ବାଲୁକା ଶିଳ୍ପକଳା ପ୍ରଦର୍ଶନ

ମେଳା ଅବସରରେ ବାବା ବରୁଣେଶ୍ୱର ୟୁଥଫୋରମ ପକ୍ଷରୁ ବାଲୁକା ଶିଳ୍ପକଳା ପ୍ରଦର୍ଶନ କରାଯାଇଛି। ବରୁଣେଶ୍ୱର ମନ୍ଦିର ପରିସରରେ ହୋଇଥିବା ଏହି ବାଲୁକା ଶିଳ୍ପକଳାକୁ ବିଧାୟିକା ପ୍ରମିଳା ମଲ୍ଲିକ ଉଦ୍‌ଘାଟନ କରିବା ସହ ବରୁଣେଶ୍ୱର କ୍ଷେତ୍ରର ଗୌରବମୟ ଐତିହ୍ୟ ପରମ୍ପରାକୁ ଏହି ବାଲୁକାଶିଳ୍ପ କଳା ଦ୍ୱିଗୁଣିତ କରୁଛି ବୋଲି ମତବ୍ୟକ୍ତ କରିଥିଲେ। ଚଳିତ ବର୍ଷ ବରୁଣେଶ୍ୱରଙ୍କ ଉଦ୍ଦେଶ୍ୟରେ ବାଲୁକା ଶିଳ୍ପ କଳା ମାଧ୍ୟମରେ ଏକ ଶିବଲିଙ୍ଗର କଳାକୃତି ଶିଳ୍ପୀ ପ୍ରଶାନ୍ତ ରାଉତଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇଛି। ଉଦ୍‌ଘାଟନୀ ଉତ୍ସବରେ ୟୁଥଫୋରମ ପକ୍ଷରୁ ଜିତେନ୍ଦ୍ର ପ୍ରଧାନ, ରୋମିଓ ରୋପନ ରାଉତ, ଶ୍ରୀକାନ୍ତ ପଣ୍ଡା, ବରୋଦା ପ୍ରସନ୍ନ ରାଉତ, ଜଗନ୍ନାଥ ବରାଳ, ଲକ୍ଷ୍ମୀଧର ଓଝା, ଷ୍ଟାଲିନ ବିଶ୍ୱାଳ, ପ୍ରଜ୍ଞାରଞ୍ଜନ ଦାସ, ସୌମ୍ୟ ଓଝା ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାଳୁଙ୍କୁ ମକର ଚାଉଳ ଓ ପୋଡ଼ପିଠା ବଣ୍ଟନ କରିଥିଲେ।

### ମେଳା ପଡ଼ିଆରେ ଅସ୍ଥାୟୀ ଥାନା, ମେଡିକାଲ, ପ୍ରେସ ଗ୍ୟାଲେରୀ ପ୍ରକୋଷ୍ଠ

ବରୁଣେଶ୍ୱର ମେଳାରେ ବହୁଶ୍ରଦ୍ଧାଳୁଙ୍କ ସମାଗମକୁ ଆଖି ଆଗରେ ରଖି ପ୍ରଶାସନ ପକ୍ଷରୁ ମେଳା ପଡ଼ିଆରେ ଅସ୍ଥାୟୀ ଭାବରେ ଥାନା, ମେଡିକାଲ ଓ ପ୍ରେସ ଗ୍ୟାଲେରୀ ପ୍ରକୋଷ୍ଠ କରାଯାଇଛି। ଏହି ପ୍ରକୋଷ୍ଠଗୁଡ଼ିକୁ ସ୍ଥାନୀୟ ବିଧାୟିକା ପ୍ରମିଳା ମଲ୍ଲିକ ଉଦ୍‌ଘାଟନ କରିଥିଲେ।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ଲକ୍ଷ୍ମୀ


@ ଶ୍ରୀକାନ୍ତ


@ ସୁନନ୍ଦା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ସୁନାଚେନ୍ ଛିନ୍‌ତାଇ ଅଭିଯୋଗରେ ଯୁବକ ଗିରଫ

**ଯାଜପୁରଟାଉନ,୧୪।୧ (ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି):**

ସୁନାଚେନ୍ ଛିନ୍‌ତାଇ ଅଭିଯୋଗରେ ଯାଜପୁର ଟାଉନ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ସେ ହେଲେ ତାରାମଦନ ଗ୍ରାମର ଏସ୍‌କେ ସାହିଲ(୨୫)। ୫-୭-୨୦୨୫ରେ ଯାଜପୁର ଟାଉନ ଥାନା ଗୁରୁଦାସପୁର ଅଞ୍ଚଳର ଜଣେ ମହିଳା ତାଙ୍କ ଝିଅଙ୍କୁ ନେଇ ସ୍କୁଟିରେ ଘରକୁ ଯାଉଥିଲେ। ଏହି ସମୟରେ ଦୁଇ ଦୁର୍ବୃତ୍ତ ଆସି ମହିଳାଙ୍କ ଚେନ୍ ଲୁଟ୍ କରି ପଳାଇଯାଇଥିଲେ। ମହିଳା ଜଣକ ସେମାନଙ୍କ ଗାଡ଼ି ନଂ. ରଖି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ. ୩୨୨/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପୋଲିସ ଗାଡ଼ି ନମ୍ବରକୁ ଆଧାରରେ ଯାଜପୁର ଥାନା ନହରାପୁର ଗ୍ରାମର ଫକୀରୁଦ୍ଦିନ ଖାନ(୨୪)ଙ୍କୁ ଗିରଫକରି ୧୧-୭-୨୫ରେ କୋର୍ଟଚାଲାଣ କରିଥିଲା। ଘଟଣାରେ ସଂପୃକ୍ତ ସାହିଲ ଫେରାରଥିଲେ।

## ସୁନ୍ଦରିଆ ପ୍ରିମିୟର ଲିଗ୍: କେସିସି ସୁଙ୍ଗୁଡ଼ା ଚାମ୍ପିୟନ

**ଧର୍ମଶାଳା/କାଏମା,୧୪।୧ (ବଟକୃଷ୍ଣ ପରିଡ଼ା/ଶିବପ୍ରସାଦ ମହାନ୍ତି):**

ଧର୍ମଶାଳା ବ୍ଲକ ସୁନ୍ଦରିଆସ୍ଥିତ ନ୍ୟୁ ଲାଇଫ ୟୁଥ୍ କ୍ଲବ ଆନୁକୂଲ୍ୟରେ ସ୍ଥାନୀୟ ମିନି ଷ୍ଟାଡିୟମରେ ଚାଲିଥିବା ୨୯ତମ ଜିଲାସ୍ତରୀୟ ସୁନ୍ଦରିଆ ପ୍ରିମିୟର ଲିଗର ଫାଇନାଲ ମ୍ୟାଚ୍ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ କେସିସି ସୁଙ୍ଗୁଡ଼ା ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ୍ ଭୁବନେଶ୍ୱର ଗେମ୍ସ ୱିଙ୍ଗର ଓ କେସିସି ସୁଙ୍ଗୁଡ଼ା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ୍ ଜିତି ଭୁବନେଶ୍ୱର ବ୍ୟାଟିଂ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୧୮ ଓଭର୍‌ରେ ୮ ଉଇକେଟ ହରାଇ ୨୨୮ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ନିହାର ସାହୁ ୧୦୬ ରନ୍ ଓ ବିଶ୍ୱରଞ୍ଜନ ପରିଡ଼ା ୮୩ ରନ୍ ସଂଗ୍ରହ କରିଥିଲେ। ବିପକ୍ଷ କେସିସି ସୁଙ୍ଗୁଡ଼ା ଦଳର କାଲୁ ସାହୁ ଓ ସିପୁ ଓଝା ୨ଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ କେସିସି ସୁଙ୍ଗୁଡ଼ା ୧୪ ଓଭରରେ ୨ ଉଇକେଟ ହରାଇ ୨୨୯ ରନ୍ ସଂଗ୍ରହ କରି ବିଜୟଲାଭ କରିଥିଲା। ଦଳ ପକ୍ଷରୁ କାଲୁ ସାହୁ ୯୬ ଓ ସ୍ୱାଗତ ନାୟକ ୬୫ ରନ୍ କରିଥିଲେ। ଭୁବନେଶ୍ୱରର ଜିତେସ୍ ମୁଖୀ ଓ ବିଶ୍ୱଜିତ୍ ରାଉତ ଗୋଟିଏ ଲେଖା ଉଇକେଟ ନେଇଥିଲେ। ଖେଳକୁ ରାଜେଶ୍ ଭଦ୍ର ଓ ଗୋକୁଳ ନନ୍ଦ ପରିଚାଳନା କରିଥିଲେ। ବିଜୟୀ ଦଳର କାଲୁଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ଓ ମ୍ୟାନ୍ ଅଫ୍ ଦି ସିରିଜ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ଅତିଥି ଭାବେ ସୁନ୍ଦରିଆ ସରପଞ୍ଚ ନିର୍ମଳ ଦାସ, ଅନ୍ୟତମ ଅତିଥି ଭାବେ ଅଭିନେତ୍ରୀ ପୁନମ୍ ମିଶ୍ର, ଯୁବନେତା ସୁବ୍ରତ୍ ଜେନା ଯୋଗଦେଇ କେସିସି ସୁଙ୍ଗୁଡ଼ା ଟିମ୍‌କୁ ଚମ୍ପିୟନ୍ ଟ୍ରଫି ଓ ଭୁବନେଶ୍ୱର ଟିମ୍‌କୁ ରନସ୍ ଅଫ୍ ଟ୍ରଫି ପ୍ରଦାନ କରିଥିଲେ। ଲୋରିଆ ମହାନ୍ତି ମଞ୍ଚ ପରିଚାଳନା କରିଥିଲେ। ଆୟୋଜକ କ୍ଲବ ସଭାପତି ସପ୍ତସାଗର ଦାସ ଧନ୍ୟବାଦ ଦେଇଥିଲେ।


ଧର୍ମଶାଳା ବିଧାୟକ କେସିସି ସୁଙ୍ଗୁଡ଼ା ଟିମ୍‌କୁ ଚାମ୍ପିୟନ୍ ଟ୍ରଫି ପ୍ରଦାନ କରୁଛନ୍ତି।

## ଫକୀରମୋହନ ସେନାପତିଙ୍କ ଜୟନ୍ତୀ ପାଳିତ

**ଧର୍ମଶାଳା,୧୪।୧(ବଟକୃଷ୍ଣ ପରିଡ଼ା):**

ଧର୍ମଶାଳା ସାହିତ୍ୟ ସମାଜ ପକ୍ଷରୁ ବୁଧବାର ବ୍ୟାସକବି ଫକୀରମୋହନ ସେନାପତିଙ୍କ ଜୟନ୍ତୀ ଉତ୍ସବ ଜାରକାସ୍ଥିତ ଗାର୍ଡ କାର୍ଯ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ସାହିତ୍ୟ ସମାଜ ସଭାପତି ମନୋରଞ୍ଜନ ମହାନ୍ତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ପଣ୍ଡିତ କାମଦେବ ଶତପଥୀ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରବା ସହ ଫକୀରମୋହନଙ୍କ ସାହିତ୍ୟକୃତୀ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ପାଦକ ପ୍ରଶାନ୍ତ ସ୍ୱାଇଁ ବିବରଣୀ ପାଠ କରିଥିଲେ। ଅତିଥିଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ରାଧାଶ୍ୟାମ ସାହୁ, ଶିକ୍ଷାବିତ୍ ବେଣୁଧର ନାୟକ, ଶଶୀଭୂଷଣ ଦ୍ୱାରୀ, ପ୍ରଫୁଲ୍ଲ ସ୍ୱାଇଁ ଓ ସବିତା ମିଶ୍ର ପ୍ରମୁଖ ଯୋଗଦେଇ ବ୍ୟାସକବିଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଅବସରପ୍ରାପ୍ତ ଶିକ୍ଷକ ଯୁଗଳକିଶୋର ଦାସ ଧନ୍ୟବାଦ ଦେଇଥିଲେ।

## ୩ ବ୍ୟାଚିଂ ପ୍ଲାଣ୍ଟ ବନ୍ଦ କରିବାକୁ ନିର୍ଦ୍ଦେଶ

**କଳିଙ୍ଗନଗର,୧୪।୧(ଶୁଭାଶିଷ ରାଉତ):**

ଦାନଗଦି ତହସିଲ ଅଞ୍ଚଳରେ ବେଆଇନ ଭାବେ ଚାଲୁଥିବା ୩ ବ୍ୟାଚିଂ ପ୍ଲାଣ୍ଟ ବନ୍ଦ କରିବାକୁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ୯।୧।୨୦୨୬ରେ ନିର୍ଦ୍ଦେଶ ଦିଆଯାଇଛି। ନଡ଼ିଆଭଙ୍ଗା ପଞ୍ଚାୟତ ଜାମୁପଶି ମୌଜାରେ ଥିବା ଆର୍‌ବି ରେଡିମିକ୍ସ, କମଳାକାନ୍ତ ଇଞ୍ଜିନିୟରିଂ କନଷ୍ଟ୍ରକଶନ ଏଂ ମାନତୀରା ମୌଜାରେ ଥିବା ଆପେକ୍ସ ବିଲ୍ଡକନ ବ୍ୟାଚିଂ ପ୍ଲାଣ୍ଟକୁ ଏହି ନିର୍ଦ୍ଦେଶ ଦିଆଯାଇଛି। ଏହିସବୁ କାରଖାନାକୁ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ପୂର୍ବରୁ ଏକାଧିକ ଥର କାରଣଦର୍ଶାଅ ନୋଟିସ ଜାରି କରାଯାଇଥିଲା। ମାତ୍ର ଉକ୍ତ ସଂସ୍ଥାଗୁଡ଼ିକ ନୋଟିସକୁ ଖାତିର ନ କରି କାର୍ଯ୍ୟ ଚଳାଇ ଆସୁଥିଲେ। ଅନ୍ୟପକ୍ଷରେ ଜାମୁପଶିଠାରେ ଚାଲୁଥିବା ୨ ବ୍ୟାଚିଂ ପ୍ଲାଣ୍ଟ ଜଙ୍ଗଲ କିସମ ଜମିରେ ସ୍ଥାପିତ ହୋଇଥିଲେ ମଧ୍ୟ ସେଗୁଡିକ ବନ୍ଦ କରିବାକୁ ପ୍ରଶାସନ ଉଦ୍ୟମ କରି ନ ଥିଲା। ତହସିଲ ଓ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ କେବଳ ନୋଟିସ ଦିଆଯାଉଥିଲା। ସେମାନେ କାର୍ଯ୍ୟ ଜାରି ରଖିଥିଲେ। ତେବେ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ପ୍ଲାଣ୍ଟ ଚଳାଇବା ଅନୁମତି ପାଇଁ ପୋର୍ଟାଲରେ ଆବେଦନ କରି ନ ଥିବା ସଂସ୍ଥାଗୁଡ଼ିକୁ ବନ୍ଦ କରିବାକୁ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲଙ୍କ ଗାଇଡ ଲାଇନ ରହିଛି। ତେଣୁ ପୋର୍ଟାଲ ଦ୍ୱାରା ଉକ୍ତ ଅବୈଧ ସଂସ୍ଥାଗୁଡିକୁ ବନ୍ଦ କରିବା ପାଇଁ ବାଟ ଖୋଲିଥିଲା। ଏହି ନିୟମ ଆଧାରରେ ୩ ପ୍ଲାଣ୍ଟକୁ ପୃଥକ ଭାବେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ବନ୍ଦ ନୋଟିସ ଜାରି କରିଛି। ନିର୍ଦ୍ଦେଶ ସମ୍ପର୍କରେ ଯାଜପୁର ଜିଲାପାଳ, ଆରକ୍ଷୀ ଅଧୀକ୍ଷକ ଓ କଳିଙ୍ଗନଗର ଅତିରିକ୍ତ ଜିଲାପାଳଙ୍କୁ ସୂଚୀତ କରାଯାଇଛି। ଏହିସବୁ ପ୍ଲାଣ୍ଟକୁ ଦିଆଯାଇଥିବା ବିଦ୍ୟୁତ୍ ସଂଯୋଗକୁ ବିଛିନ୍ନ ପାଇଁ ବାଲେଶ୍ୱରସ୍ଥିତ ଟିପିଏନଓଡିଏଲ ସିଇଓଙ୍କୁ ବୋର୍ଡ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଅନୁମତି ନ ଥାଇ ଚାଲୁଥିବା ପ୍ଲାଣ୍ଟଗୁଡ଼ିକ ଦ୍ୱାରା ବାୟୁ ଓ ଜଳ ପ୍ରଦୂଷିତ ହେଉଥିବା ଅଭିଯୋଗ ହୋଇଥିଲା।

## ଯବାନଙ୍କ ଶେଷକୃତ୍ୟ ସମ୍ପନ୍ନ

**ସିଂହପୁର,୧୪।୧(ଅନଙ୍ଗ ଉଦୟ ବେଉରିଆ):**

ବିଞ୍ଝାରପୁର ଥାନା ବରୀ ବ୍ଲକ ଅଙ୍ଗାଳୋ ପଞ୍ଚାୟତ ବୋଇତାଳୁ ପାଟଣାଗ୍ରାମର ସିଆର୍‌ପିଏଫ୍ ଯବାନ ସୁରେଶ ଚନ୍ଦ୍ର ଦାସ ମସ୍ତିଷ୍କ କର୍କଟରେ ପୀଡ଼ିତ ହୋଇ ରାଞ୍ଚି ମେଡିକାଲରେ ଚିକିତ୍ସାଧୀନ ଥିବାବେଳେ ୧୨ ତାରିଖରେ ସେଠାରେ ତାଙ୍କର ମୃତ୍ୟୁ ହୋଇଛି। ବୁଧବାର ତାଙ୍କ ମରଶରୀର ଗାଁରେ ପହଞ୍ଚିବା ପରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ତାଙ୍କ ବାସଭବନରେ କେନ୍ଦ୍ରୀୟ ରିଜର୍ଭ ପୋଲିସ ବାହିନୀ(ସିଆର୍‌ପିଏସ୍)ଦ୍ୱାରା ଶହୀଦ ସଲାମୀ ଦିଆଯାଇ ଗ୍ରାମ ପରିକ୍ରମା କରାଯାଇଥିଲା। ଏହାପରେ ଏକ ଶୋକାକୁଳ ପରିବେଶରେ ତାଙ୍କ ପରିବାର, ଆତ୍ମିୟସ୍ୱଜନ ଓ ଗ୍ରାମର କୁଞ୍ଜ ବିହାରୀ ସାମଲ, ପ୍ରଫୁଲ୍ଲ ସାମଲ, ବୈଷ୍ଣବ ଚରଣ ସାମଲ, ନିରଞ୍ଜନ ସାହାଣୀ, ଦୁଃଶାସନ ଦାସ, ଦୁର୍ଯ୍ୟୋଧନ କବି, ନିରଞ୍ଜନ ବାରିକ, ସୁବାସ ଚନ୍ଦ୍ର ସାହାଣୀ, ଗୌତମ ସାହାଣୀ, ପବିତ୍ର ସାହାଣୀ, ଲାକଟେନ୍ଦୁ ସାହାଣୀ ପ୍ରମୁଖ ଉପସ୍ଥିତ ରହି ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ।


ଯବାନ ସୁରେଶ ଚନ୍ଦ୍ର ଦାସଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଉଛି।


(ପୂର୍ବ ପୃଷ୍ଠାର ଅବଶିଷ୍ଟାଂଶ)

| କ୍ରମିକ ନଂ. | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|
| ୯୨ | ୬୧୧/ ୨୭୬୦ | ୯୨୮ | ଶାରଦ-୨ | ୦.୨୧୦ | ଏ.୦.୦୦୫ଡି | ବନଲତା ମହାନ୍ତି, ସ୍ୱା./-ପ୍ରଶାନ୍ତ କୁମାର ମହାନ୍ତି, ଜା:କରଣ, ବା:ପଟିଆ, ସସ୍ମିତା ମହାନ୍ତି, ସ୍ୱା:ସଞ୍ଜୟ କୁମାର ପାତ୍ର, ଜା:କରଣ, ବା:ଶହୀଦ ନଗର, ଭୁବନେଶ୍ୱର, ଶାଶ୍ୱତୀ ମହାନ୍ତି, ସ୍ୱା:ସତୀଶ ମହାନ୍ତି, ଜା:କରଣ, ବା:ସୋରୋ, ବାଲେଶ୍ୱର, ପ୍ରସନ୍ନ କୁମାର ମହାନ୍ତି, ପି:ବଂଶୀଧର ମହାନ୍ତି, ଜା:କରଣ, ବା:ପଟିଆ, ଥା-ଚନ୍ଦ୍ରଶେଖରପୁର, ଜି-ଖୋର୍ଦ୍ଧା, ଇତିଶ୍ରୀ ମହାନ୍ତି, ସ୍ୱା:ଭବାନୀ ଶଙ୍କର ମହାନ୍ତି, ତନୁଶ୍ରୀ ମହାନ୍ତି, ଲକ୍ଷ୍ମୀପ୍ରିୟା ମହାନ୍ତି, ପି:ଭବାନୀ ଶଙ୍କର ମହାନ୍ତି, ଜା:କରଣ, ବା:ପଟିଆ |
| ୯୩ | ୬୧୧/ ୩୫୩୭ | ୧୧୮୧ | ଶାରଦ-୧ | ୦.୨୦୯ | ଏ.୦.୨୦୯ | ତୃପ୍ତିମୟୀ ସିଂହ,ସ୍ୱା: ମନୋଜ କୁମାର ସିଂହ, ବା ଭୀମ-୧୦୦, ଶୈଳଶ୍ରୀ ବିହାର, ଚନ୍ଦ୍ରଶେଖରପୁର, ସୌମେନ୍ଦ୍ର ପ୍ରସାଦ ମହାନ୍ତି, ଅରବିନ୍ଦ ପ୍ରସାଦ ମହାନ୍ତି, ଧର୍ମେନ୍ଦ୍ର ପ୍ରସାଦ ମହାନ୍ତି, ଜନ୍ମେଜୟ ମହାନ୍ତି, ପି:ପ୍ୟାରିମୋହନ ମହାନ୍ତି, ବା:ପଟିଆ, ଥା-ଚନ୍ଦ୍ରଶେଖରପୁର, ଜି-ଖୋର୍ଦ୍ଧା |
| ୯୪ | ୬୧୧/ ୩୫୩୭ | ୧୧୮୧/ ୧୧୫୦୭ | ଘରବାରି | ୧.୪୯୧ | ଏ.୦.୦୩୦ | ତୃପ୍ତିମୟୀ ସିଂହ,ସ୍ୱା: ମନୋଜ କୁମାର ସିଂହ, ବା ଭୀମ-୧୦୦, ଶୈଳଶ୍ରୀ ବିହାର, ଚନ୍ଦ୍ରଶେଖରପୁର, ସୌମେନ୍ଦ୍ର ପ୍ରସାଦ ମହାନ୍ତି, ଅରବିନ୍ଦ ପ୍ରସାଦ ମହାନ୍ତି, ଧର୍ମେନ୍ଦ୍ର ପ୍ରସାଦ ମହାନ୍ତି, ଜନ୍ମେଜୟ ମହାନ୍ତି, ପି:ପ୍ୟାରିମୋହନ ମହାନ୍ତି, ବା:ପଟିଆ, ଥା-ଚନ୍ଦ୍ରଶେଖରପୁର, ଜି-ଖୋର୍ଦ୍ଧା |
| ୯୫ | ୬୧୧/ ୩୫୩୬ | ୧୧୮୨ | ଶାରଦ-୨ | ୦.୫୪୧ | ଏ.୦.୪୬୬ଡି | ତୃପ୍ତିମୟୀ ସିଂହ,ସ୍ୱା: ମନୋଜ କୁମାର ସିଂହ, ବା ଭୀମ-୧୦୦, ଶୈଳଶ୍ରୀ ବିହାର, ଚନ୍ଦ୍ରଶେଖରପୁର, ସୌମେନ୍ଦ୍ର ପ୍ରସାଦ ମହାନ୍ତି, ଅରବିନ୍ଦ ପ୍ରସାଦ ମହାନ୍ତି, ଧର୍ମେନ୍ଦ୍ର ପ୍ରସାଦ ମହାନ୍ତି, ଜନ୍ମେଜୟ ମହାନ୍ତି, ପି:ପ୍ୟାରିମୋହନ ମହାନ୍ତି, ବା:ପଟିଆ, ଥା-ଚନ୍ଦ୍ରଶେଖରପୁର, ଜି-ଖୋର୍ଦ୍ଧା |
| ୯୬ | | ୧୧୮୨/ ୧୧୫୦୯ | ଘରବାରି | ୦.୫୪୧ | ଏ.୦.୧୨୬ଡି | ତୃପ୍ତିମୟୀ ସିଂହ,ସ୍ୱା: ମନୋଜ କୁମାର ସିଂହ, ବା ଭୀମ-୧୦୦, ଶୈଳଶ୍ରୀ ବିହାର, ଚନ୍ଦ୍ରଶେଖରପୁର, ସୌମେନ୍ଦ୍ର ପ୍ରସାଦ ମହାନ୍ତି, ଅରବିନ୍ଦ ପ୍ରସାଦ ମହାନ୍ତି, ଧର୍ମେନ୍ଦ୍ର ପ୍ରସାଦ ମହାନ୍ତି, ଜନ୍ମେଜୟ ମହାନ୍ତି, ପି:ପ୍ୟାରିମୋହନ ମହାନ୍ତି, ବା:ପଟିଆ, ଥା-ଚନ୍ଦ୍ରଶେଖରପୁର, ଜି-ଖୋର୍ଦ୍ଧା |

ମୋଟ ଅଧିଗୃହୀତ ରକବା ଏ.୧୧.୬୯୨ ଡିସିମିଲ
ସ୍ୱା./- (କ୍ରିଷ୍ଣା କୁମାର ଜେନା)
ଭୂ-ଅର୍ଜନ ଅଧିକାରୀ, ଖୋର୍ଦ୍ଧା
OIPR-



**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ଡିଆର୍‌ଏମ୍/ଇଏନ୍‌ଜି, ଦକ୍ଷିଣ ପୂର୍ବ ରେଳପଥ, ଚକ୍ରଧରପୁର ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି। ଏହି ଟେଣ୍ଡରଗୁଡ଼ିକ ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ। **କ୍ର.ସଂ.-୧ । ଟେଣ୍ଡର ବିଜ୍ଞପ୍ତି ନଂ.: ସିକେପି-ଇଷ୍ଟ-୨୫-୨୬-୫୨, ତାରିଖ: ୧୩।୦୧।୨୦୨୬ । କାର୍ଯ୍ୟର ନାମ:** (i) ଚକ୍ରଧରପୁର ମଣ୍ଡଳରେ ବରିଷ୍ଠ ଡିଇଏନ୍ (ପୂର୍ବ)/ଚକ୍ରଧରପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ଟ୍ରାକ୍ ରିନିୱାଲ ଟ୍ରେନ୍ (ଟିଆର୍‌ଟି) ଦ୍ୱାରା ୪୧.୨୧୭ ଟିକେଏମ୍‌ର ଥ୍ରୁ ସ୍ଲିପର୍ ନବୀକରଣ, ବିସିଏମ୍ ଓ ଟି-୨୮ ଦ୍ୱାରା ଡିପ୍ ସ୍କ୍ରିନିଂ ଏବଂ ଅନ୍ୟାନ୍ୟ ବିବିଧ କାର୍ଯ୍ୟ । (ii) ଟାଟାନଗର-ଅଁଲାଯୋଡ଼ି ୨୮୬.୦୦-୨୯୦.୯୦୩ = ୪.୯୦୩ ଟିକେଏମ୍ ମଧ୍ୟରେ ଟ୍ରାକ୍ ରିନିୱାଲ ଟ୍ରେନ୍ (ଟିଆର୍‌ଟି) ଦ୍ୱାରା ୪.୯୦୩ ଟିକେଏମ୍‌ର ଥ୍ରୁ ସ୍ଲିପର୍ ନବୀକରଣ, ବିସିଏମ୍ ଓ ଟି-୨୮ ଦ୍ୱାରା ଡିପ୍ ସ୍କ୍ରିନିଂ ଏବଂ ଅନ୍ୟାନ୍ୟ ବିବିଧ କାର୍ଯ୍ୟ । (iii) ଟାଟାନଗର-ଅଁଲାଯୋଡ଼ି କିମି ୨୫୯-୨୭୦ ସେକ୍ସନ ମଧ୍ୟରେ ୧୧ କିମିର ଥ୍ରୁ ସ୍ଲିପର୍ ନବୀକରଣ (ପି) (ଟ୍ରାକ୍ ରିନିୱାଲ୍ ଟ୍ରେନ୍ (ଟିଆର୍‌ଟି) ଓ ପିକ୍ୟୁଆର୍‌ଏସ୍ ଦ୍ୱାରା), ବିସିଏମ୍ ଓ ଟି-୨୮ ଦ୍ୱାରା ଡିପ୍ ସ୍କ୍ରିନିଂ ଏବଂ ଅନ୍ୟାନ୍ୟ ବିବିଧ କାର୍ଯ୍ୟ । **ଟେଣ୍ଡର ମୂଲ୍ୟ:** ₹୮,୫୦,୨୪,୬୩୪.୨୮ । **ଇଏମ୍‌ଡି:** ₹୫,୭୫,୧୦୦ । **ଖୋଲାଯିବା ତାରିଖ:** ୦୪।୦୨।୨୦୨୬ । **କ୍ର.ସଂ.-୨ । ଟେଣ୍ଡର ବିଜ୍ଞପ୍ତି ନଂ.: ସିକେପି-ୱେଷ୍ଟ-୨୫-୨୬-୩୭, ତାରିଖ: ୧୩।୦୧।୨୦୨୬ । କାର୍ଯ୍ୟର ନାମ:** ତା୩୦।୦୬।୨୦୨୭ରିଖ ପର୍ଯ୍ୟନ୍ତ ସମାପ୍ତ ହେଉଥିବା ଅବଧି ପାଇଁ ଏସ୍‌ଏସ୍‌ଇ (ୱାର୍କସ୍)/II-ବଣ୍ଡମୁଣ୍ଡାଙ୍କ ଅଧୀନରେ ଡିଜେଲ୍ ଓ ଇଲେକ୍ଟ୍ରିକାଲ ଲୋକୋ ଶେଡ୍ ସି ଆଣ୍ଡ ଡବ୍ଲ୍ୟୁ ଅଫିସ୍ ଅଧୀନରେ ଜୋନାଲ୍ କାର୍ଯ୍ୟ, ସିକ୍ ଲାଇନ୍ କାର୍ଯ୍ୟର ନିର୍ବାହ (୨ୟ ଆହ୍ୱାନ) । **ଟେଣ୍ଡର ମୂଲ୍ୟ:** ₹୧,୩୮,୦୦,୦୦୦ । **ଇଏମ୍‌ଡି:** ₹୨,୧୯,୦୦୦ । **ଖୋଲାଯିବା ତାରିଖ:** ୦୫।୦୨।୨୦୨୬ । **ଟେଣ୍ଡର ଫର୍ମ ମୂଲ୍ୟ:** ₹୦ (କ୍ର.ସଂ. ୧ ଓ ୨ ପାଇଁ) । ଟେଣ୍ଡର ୱେବ୍‌ସାଇଟ୍ http://www.ireps.gov.in ରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ୍ ରହିଥିବା ଆବଶ୍ୟକ ଓ ସେ ଆଇଆର୍‌ଇପିଏସ୍ ପୋର୍ଟାଲରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜ ଅପ୍‌ଲୋଡ୍ କରାଯିବା ଜରୁରୀ । **ଦ୍ରଷ୍ଟବ୍ୟ:** ସମସ୍ତ ଟେଣ୍ଡରଦାତାଙ୍କ ପାଇଁ ଇ-ଟେଣ୍ଡର ଫର୍ମ ବିନା ମୂଲ୍ୟରେ ଜାରି କରାଯିବ (କର୍ତ୍ତୃପକ୍ଷ - ରେଳବାଇ ବୋର୍ଡର ଚିଠି ସଂ.: ୨୦୨୦/ସିଇ-I/ସିଟି/୩ଇ/ଜିସିସି/ପଲିସି ତାରିଖ: ୧୬।୦୭।୨୦୨୦) । (PR-1062)



**OFFICE OF THE EXECUTIVE ENGINEER**
**RURAL WORKS DIVISION, BARGARH**
Email : rd_bgh@yahoo.co.in, Gmail : rwd.bgh@gmail.com

No.O-1996 **e-Procurement Notice No. ONLINE-BGH- 23 OF 2025-26**

| | | | |
|---|---|---|---|
| 1 | Name of the Work | : | Road works during 2025-26 in the district of Bargarh |
| 2 | EMD | : | @1% of the estimated cost put to tender |
| 3 | Other details | : | As per DTCN |

| Procurement Officer | Bid Identification No. | Availability of Tender online for bidding | | Last Date & Time of Seeking tender clarification | Date & Time of opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division, Bargarh | ONLINE-BGH-23 OF 2025-26 | 17.01.2026 at 11.00 A.M. | 28.01.2026 upto 5.00 P.M. | 28.01.2026 upto 4.00 P.M. | 29.01.2026 at 11.00 A.M. |

Further details can be seen from the website www.tendersorissa.gov.in.

Sd./- Executive Engineer
R.W. Division, Bargarh
OIPR-



**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ST-OT-LHS-03-KUR-534, ତା.08.01.2026ରିଖ

**କାର୍ଯ୍ୟର ନାମ :** ଖୋର୍ଦ୍ଧା ରୋଡ଼ ମଣ୍ଡଳ ପରିସୀମା ଅଧିନସ୍ଥ କଟକ-ପାରାଦୀପ ଲାଇନରେ କନ୍ଦରପୁର-କଟକ ଷ୍ଟେସନ ମଧ୍ୟରେ କି.ମି. 429/20-22 ଠାରେ, ଦୈତାରୀ-ଟମକା ଷ୍ଟେସନ ମଧ୍ୟରେ ଲେଭେଲ କ୍ରସିଙ୍ଗ ନଂ. JD-1 (ରେଳବାଇ କି.ମି. 147/44-148/2), ମଉଗଜପୁର-କନ୍ଦରପୁର ଷ୍ଟେସନ ମଧ୍ୟରେ ଲେଭେଲ କ୍ରସିଙ୍ଗ ନଂ. CP-8 (କି.ମି. 418/5-7), ଏବଂ ଜଖପୁରା-ଜେନାପୁର ମଧ୍ୟରେ କି.ମି. 346/7-9 ଠାରେ ଅନଧିକାର ପ୍ରବେଶ ସ୍ଥାନରେ ଅତିକ୍ରମଣକୁ ନିୟନ୍ତ୍ରଣ ଏବଂ ବର୍ତ୍ତମାନର ଜଗୁଆଳିଥିବା ଲେଭେଲ କ୍ରସିଙ୍ଗଗୁଡ଼ିକ ପରିବର୍ତ୍ତେ ସ୍ୱଳ୍ପ ଉଚ୍ଚତା ବିଶିଷ୍ଟ ଉପମାର୍ଗ (LHS)ର ବ୍ୟବସ୍ଥା ଏବଂ ନିର୍ମାଣ।

**ଟେଣ୍ଡର ମୂଲ୍ୟ :** ₹ 1,43,17,146.29, EMD : ₹ 2,21,600/-

ବିଡ୍ ଆରମ୍ଭ ହେବା ତାରିଖ : ତା.16.01.2026ରିଖ

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.30.01.2026ରିଖ 1100 ଘଟିକା।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ, ଖୋର୍ଦ୍ଧା ରୋଡ଼
PR-1007/Q/25-26



**ନିୟନ୍ତ୍ରିତ ବଜାର କମିଟି, ବାଲୁଗାଁ, ଜି: ଖୋର୍ଦ୍ଧା**
**୨୦୨୫-୨୬ ବର୍ଷରେ ଖରିଫ ଧାନ ବିକ୍ରୟ ପାଇଁ ବିଶେଷ ସୂଚନା**

ବିଜ୍ଞାପନ ସଂଖ୍ୟା: ୭୭ — ତାରିଖ: ୧୩।୦୧।୨୦୨୬

ଏତଦ୍ୱାରା ପୁରୀ ଜିଲ୍ଲା ପୁରୀ ଉପଖଣ୍ଡ ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକର ସମସ୍ତ ଧାନଚାଷ ଭାଇ ଓ ଭଉଣୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଓଡ଼ିଶା ରାଜ୍ୟ ସରକାର ଓ ପୁରୀ ଜିଲ୍ଲା ପ୍ରଶାସନଙ୍କ ନିଷ୍ପତ୍ତିକ୍ରମେ ଉପରୋକ୍ତ ବ୍ଲକର ନିର୍ଦ୍ଧାରିତ ୧୦ଗୋଟି ଧାନ କ୍ରୟ କେନ୍ଦ୍ରରେ ଚଳିତ ଖରିଫ ୨୦୨୫-୨୬ ବିପଣନ ବର୍ଷ ପାଇଁ ତା୧୫।୦୧।୨୦୨୬ରିଖଠାରୁ ସରକାରଙ୍କ ନିର୍ଦ୍ଧାରିତ ସହାୟକ ମୂଲ୍ୟ ଓ ଧାର୍ଯ୍ୟ ଦିବସରେ ଧାନ କ୍ରୟ କରାଯିବାର ବ୍ୟବସ୍ଥା ହୋଇଅଛି। ଏଣୁ ସମ୍ପୃକ୍ତ ସେବା ସମବାୟ ସମିତିରେ ନାମ ପଞ୍ଜୀକରଣ କରିଥିବା ଚାଷୀଭାଇ ଓ ଭଉଣୀମାନେ ତାଙ୍କର ଉତ୍ପାଦିତ ବଳକା ଧାନକୁ ଭଲଭାବେ ସଫାକରି ଏଫ୍.ଏ.କ୍ୟୁ. ମାନକୁ ଉନ୍ନୀତ କରାଇ ନିର୍ଦ୍ଧାରିତ ଦିବସରେ କେବଳ ଖୋଟ ଅଖାରେ ପୂରାଇ ମଣ୍ଡିକୁ ଆଣିବାକୁ ଅନୁରୋଧ। ଚାଷୀଭାଇ ଓ ଭଉଣୀମାନଙ୍କ ପଞ୍ଜୀକୃତ ମୋବାଇଲ ନମ୍ବରକୁ ଆସିଥିବା ଏସ୍.ଏମ୍.ଏସ୍. ଅନୁସାରେ କେଉଁଦିନ, କେଉଁଠି ଓ କେତେ ପରିମାଣର ଧାନ ବିକ୍ରୟ କରିପାରିବେ ଏହା ସମ୍ପର୍କରେ ସମ୍ପୂର୍ଣ୍ଣ ତଥ୍ୟ ଅବଗତ ହୋଇପାରିବେ, ଟୋକନର ଅବଧି ୩୦ ଦିନ ରହିବ। ଧାନ ବିକ୍ରି, ମଣ୍ଡି ଓ ଟୋକନ ସମ୍ବନ୍ଧୀୟ ଅଧିକ ତଥ୍ୟ ପାଇବା ପାଇଁ ସରକାରଙ୍କ ଦ୍ୱାରା ଜାରି ଦେୟମୁକ୍ତ ନମ୍ବର **୧୯୬୭**କୁ ଯୋଗାଯୋଗ କରିପାରିବେ।

**ଏଫ୍.ଏ.କ୍ୟୁ. ଧାନର କ୍ୱିଣ୍ଟାଲ ପ୍ରତି ସର୍ବନିମ୍ନ ସହାୟକ ମୂଲ୍ୟ ସହିତ ଇନ୍‌ପୁଟ ସହାୟତା ରାଶି ମିଶାଇ ୩୧୦୦ ଟଙ୍କା ପ୍ରଦାନ କରିବା ପାଇଁ ଧାର୍ଯ୍ୟ କରାଯାଇଅଛି।**

**୨୦୨୫-୨୬ ଖରିଫ ବର୍ଷ ପାଇଁ (FAQ) ଧାନର ଗୁଣାତ୍ମକ ମାନ**

| କ୍ର.ନଂ. | ଧାନରେ ମିଶ୍ରିତ ବା ବାହ୍ୟ ପଦାର୍ଥ: ସର୍ବାଧିକ ପରିସୀମା (ଶତକଡ଼ା) | ଏଫ୍.ଏ.କ୍ୟୁ.ମାନର ଧାନ ପାଇଁ ସର୍ବୋଚ୍ଚ ସୀମା |
|---|---|---|
| ୧. | କ) ବାଲି, ଗୋଡ଼ି, ମାଟି, ପଥର ବା ଧୂଳି ଇତ୍ୟାଦି ଅଜୈବିକ ବାହ୍ୟ ପଦାର୍ଥ | ୧% |
| | ଖ) କାଠି, କୁଟା, ଧୂଷ, ଅଗାଡ଼ି ବା ପୋଲ ଇତ୍ୟାଦି ଜୈବିକ ବାହ୍ୟ ପଦାର୍ଥ | ୧% |
| ୨. | ଖରାପ, ବେରଙ୍ଗୀ, ପାଣିଫୁଲା, ପୋକା (*ଖରାପ, ପାଣିଫୁଲା ଏବଂ ପୋକା ୪% ମଧ୍ୟରେ ସୀମିତ ରହିବା ଦରକାର) | ୫% |
| ୩. | ଅପରିପକ୍ୱ, ସବୁଜ, କଞ୍ଚା, ବଙ୍କା ବା ସଙ୍କୁଚିତ ଇତ୍ୟାଦି | ୩% |
| ୪. | ଗ୍ରେଡ୍ 'ଏ' ସରୁଧାନରେ ମିଶ୍ରିତ ମୋଟା ଧାନ (କେବଳ ଗ୍ରେଡ 'ଏ' ଧାନ ନିମନ୍ତେ) | ୬% |
| ୫. | ଆର୍ଦ୍ରତା ବା ଜଳୀୟ ଅଂଶର ପରିମାଣ | ୧୭% |

**ଯୋଗାଯୋଗ:**
ଜିଲ୍ଲାପାଳ, ପୁରୀ: ୦୬୭୫୨-୨୨୨୦୩୩
ଉପ-ଜିଲ୍ଲାପାଳ, ପୁରୀ: ୦୬୭୫୨-୨୨୨୦୫୯
ଜିଲ୍ଲା ଯୋଗାଣ ଅଧିକାରୀ, ପୁରୀ: ୯୪୩୮୨୦୦୦୫୬
ଜିଲ୍ଲା ଯୋଗାଣ ଅଫିସ କଣ୍ଟ୍ରୋଲ ରୁମ୍, ପୁରୀ: ୦୬୭୫୨-୨୨୨୨୨୮
ଉପନିବନ୍ଧକ ସମବାୟ ସମିତି ସମୂହ, ପୁରୀ: ୦୬୭୫୨-୨୨୩୫୮୧, ମୋ: ୯୪୩୭୫୦୯୩୮୦
ସହକାରୀ ନିବନ୍ଧକ, ସମବାୟ ସମିତି ସମୂହ, ପୁରୀ: ମୋ: ୯୯୩୭୧୫୯୦୨୫
ସମ୍ପାଦକ ନିୟନ୍ତ୍ରିତ ବଜାର କମିଟି, ବାଲୁଗାଁ: ମୋ: ୯୯୩୮୧୪୧୨୬୯

ସମ୍ପାଦକ
ନିୟନ୍ତ୍ରିତ ବଜାର କମିଟି, ବାଲୁଗାଁ

ଉପଜିଲ୍ଲାପାଳ, ଖୋର୍ଦ୍ଧା
ତଥା ଅଧ୍ୟକ୍ଷ, ନିୟନ୍ତ୍ରିତ ବଜାର କମିଟି, ବାଲୁଗାଁ

**ହନୁମାନ ଜୀଉଙ୍କ ଦ୍ୱିତୀୟ ବାର୍ଷିକ ଉତ୍ସବ**
ଆଳି,(ବନମାଳୀ ସେନାପତି):ଆଳି ବ୍ଲକ ମେଣ୍ଢପୁର ପଞ୍ଚାୟତ ଆଳକଣା, ପୋଡ଼ାମରାଇ ଗ୍ରାମବାସୀଙ୍କ ମିଳିତ ଉଦ୍ୟମରେ ଗ୍ରାମରେ ଥିବା ହନୁମାନ ଜୀଉଙ୍କ ଦ୍ୱିତୀୟ ବାର୍ଷିକ ଉତ୍ସବ ଆରମ୍ଭ ହୋଇଛି। ବୁଧବାର ଗ୍ରାମର ସୁକାନ୍ତ ମହାନ୍ତି ଓ ସସ୍ମିତା ମହାନ୍ତି କର୍ତ୍ତା ଭାବେ କଳସ ଯାତ୍ରା କରିବା ପରେ ଯଜ୍ଞ ସ୍ଥଳରେ କଳସ ସ୍ଥାପନ କରା ଯାଇଥିଲା। ଏହାପରେ ଗୁରୁପୂଜା, ଗୋ ପୂଜା, ସୂର୍ଯ୍ୟପୂଜା, ଯଜ୍ଞ ଆହୁତି ଓ ହନୁମାନ ଜୀଉଙ୍କର ରୀତିନୀତିରେ ପୂଜାର୍ଚ୍ଚନା କରାଯାଇଥିଲା।



**ସେଲ୍ଫି କର୍ଣ୍ଣର ଧରିତ୍ରୀ**

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି**

metroselfie@gmail.com


@ ଲକ୍ଷ୍ମୀ


@ ଶ୍ରୀକାନ୍ତ


@ ସୁନନ୍ଦା

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଅବ୍ୟବସ୍ଥାରେ ଚାଲିଛି ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

ଡେରାବିଶ,୧୪।୧(ବେବର୍ତ୍ତା ଅଜୟ ଦାସ)

ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୀର୍ଘ ବର୍ଷ ହେଲା ଡାକ୍ତର ଓ କର୍ମଚାରୀଙ୍କ ଅଭାବରୁ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତୀକରଣ ପାଇଁ ପ୍ରତ୍ୟେକ ରୋଗୀ କଲ୍ୟାଣ ସମିତି ଗଠନ କରାଯାଇଥିବା ବେଳେ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ରୋଗୀ କଲ୍ୟାଣ ସମିତି ବୈଠକ ଦୀର୍ଘ ବର୍ଷ ହେବ ହୋଇପାରିନଥିଲା। ମଙ୍ଗଳବାର ରୋଗୀ କଲ୍ୟାଣ ସମିତି ଅଧ୍ୟକ୍ଷ ତଥା ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବିଧାୟକ ମହାପାତ୍ର ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ସମସ୍ୟା ସମ୍ପର୍କରେ ଅଧିକାରୀ ତଥା ବିପିଏମ୍‌ଙ୍କଠାରୁ ସମସ୍ତ ତଥ୍ୟ ଜାଣିଥିଲେ। ବୈଠକରେ ଉପସ୍ଥିତ ଥିବା ବିପିଏମ୍ ଈପ୍‌ସିତା ମହାପାତ୍ର ସ୍ୱାସ୍ଥ୍ୟକେନ୍ଦ୍ର ପାଇଁ ୧୫ ଜଣ ଡାକ୍ତରଙ୍କ ମଧ୍ୟରୁ ମାତ୍ର ୪ ଜଣ ଥିବା ବେଳେ ଅବଶିଷ୍ଟ ୧୧ ଡାକ୍ତର ପଦବୀ ଖାଲିପଡ଼ିଥିବା ସୂଚନା ଦେଇଥିଲେ।


ବୈଠକରେ ବିଧାୟକ ଓ ଅନ୍ୟମାନେ ଆଲୋଚନା କରୁଛନ୍ତି।

**ରୋଗୀ କଲ୍ୟାଣ ସମିତି ବୈଠକରେ ବିଧାୟକଙ୍କ ଉଦ୍‌ବେଗ**

ଏ ବିଷୟ ଜାଣିବା ପରେ ବିଧାୟକ ଆଶ୍ଚର୍ଯ୍ୟ ହୋଇଥିଲେ। ଉପସ୍ଥିତ ଅଧିକାରୀ ଓ ବିପିଏମ୍‌ଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକ କରୁଥିବା ଶୀତତାପ ନିୟନ୍ତ୍ରିତ ଯନ୍ତ୍ର ଏବଂ ଅନ୍ୟାନ୍ୟ ସରଞ୍ଜାମ ପାଇଁ ଏହି ଅର୍ଥରୁ କାହିଁକି ଖର୍ଚ୍ଚ ହୋଇନି ବୋଲି ପଚାରିଥିଲେ। ତେବେ ବୈଠକରେ ଏହାର କୌଣସି ଉତ୍ତର ବିପିଏମ୍ ଦେଇପାରିନଥିଲେ।

ଏ ବିଷୟରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ସହ ଆଲୋଚନା କରିବା ପାଇଁ ବିଧାୟକ କହିଥିଲେ। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ବୀରନୀଳକଣ୍ଠପୁର, ସନ୍ଥପୁରା, ଚାନ୍ଦୋଳ, ଦାନପୁର ଓ ହରିଅଙ୍କ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ବିଷୟରେ ଜାଣିବା ପାଇଁ ବିଧାୟକ ବୈଠକରେ ଉପସ୍ଥିତ ଥିବା ସମ୍ପୃକ୍ତ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତରଙ୍କୁ ପଚାରି ବୁଝିଥିଲେ। ବୀରନୀଳକଣ୍ଠପୁର, ସନ୍ଥପୁରା, ଦାନପୁର, ହରିଅଙ୍କ ଓ ଚାନ୍ଦୋଳ ଏହି ୫ଟି ସ୍ୱାସ୍ଥ୍ୟକେନ୍ଦ୍ରର ସ୍ୱତନ୍ତ୍ର ଗୃହ ନିର୍ମାଣ ଓ ଅନ୍ୟାନ୍ୟ ଉନ୍ନତୀକରଣ କାର୍ଯ୍ୟ ପାଇଁ ପ୍ରତ୍ୟେକ ସ୍ୱାସ୍ଥ୍ୟ କେନ୍ଦ୍ରକୁ ୯୨ ଲକ୍ଷ ଟଙ୍କା ଲେଖାଏଁ ମଞ୍ଜୁର ହୋଇଥିବା ବୈଠକରେ ଉପସ୍ଥିତ ଥିବା ବିଭାଗୀୟ ସହକାରୀ ନିର୍ବାହୀ ଯନ୍ତ୍ରୀ ସନ୍ତୋଷ କୁମାର ଦାସ କହିଥିଲେ। ବୈଠକରେ ଡେରାବିଶ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରଭାତୀ ମଲିକ, ବିଡିଓ ନମିତା ବାରିକ, ତହସିଲଦାର ସରୋଜକାନ୍ତ ନାୟକ, ସିଡିପିଓ ହରପ୍ରିୟା ଦେବୀ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ସଜିକାନ୍ତ ମିଶ୍ର ଯୋଗଦେଇଥିଲେ। ସମିତିର ସଭ୍ୟ ସଚ୍ଚିଦାନନ୍ଦ ରଥ, ମହେନ୍ଦ୍ର କୁମାର ସିଂ, ନିରଞ୍ଜନ କର, ହେମନ୍ତ କୁମାର ନାୟକ, ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଶ୍ୟାମସୁନ୍ଦର ଟୁଡୁ, ଡା. ଧର୍ମେନ୍ଦ୍ର ସିଂ, ଡା. ରଘୁନାଥ ଓଝା, ଡା. ଅମରେନ୍ଦ୍ର ନାୟକ, ଡା. ଓସ୍‌ମାଉଦ୍ଦିନ ଖାଁ, ଡା. ଉତ୍ତମ କୁମାର ଭୂୟାଁ, ବିଏଏମ୍ ସଂଗ୍ରାମ କେଶରୀ ସାମନ୍ତରାୟ, ଫାର୍ମାସିଷ୍ଟ ବନ୍ଦନା ରାଉତରାୟ ପ୍ରମୁଖ ଯୋଗଦେଇଥିଲେ।

## ଏମ.ଏନ୍. ହାଇସ୍କୁଲ ପ୍ରତିଷ୍ଠା ଦିବସ

ପଟ୍ଟାମୁଣ୍ଡାଇ,୧୪।୧(କଳ୍ପତରୁ ନାୟକ)

ପଟ୍ଟାମୁଣ୍ଡାଇ ଏମ.ଏନ୍ ହାଇସ୍କୁଲର ୮୩ତମ ପ୍ରତିଷ୍ଠା ଦିବସ ପୁରାତନ ଛାତ୍ରସଂସଦ ପକ୍ଷରୁ ପାଳିତ ହୋଇଯାଇଛି। ପୁରାତନ ଛାତ୍ର ସଂସଦ ସଭାପତି ସଚ୍ଚିଦାନନ୍ଦ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ପୁରାତନ ଛାତ୍ର ସଂସଦ ଉପଦେଷ୍ଟା ପ୍ରଫେସର ଦୁର୍ଯ୍ୟୋଧନ ପରିଡା, ଭରତ ଚନ୍ଦ୍ର ପାତ୍ର, କୈଳାସ ଚନ୍ଦ୍ର ପାତ୍ର, ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ପ୍ରଧାନ,ଶିକ୍ଷକ କର୍ଣ୍ଣୁରି ଚରଣ ସ୍ୱାଇଁ, କୋଷାଧ୍ୟକ୍ଷ ଗୋପୀନାଥ ତ୍ରିପାଠୀ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ତପନ ଦାଶ, ବିଜୟ ସାହୁ, ଇଂ ତପନ ପାତ୍ର, ରାଜେନ୍ଦ୍ର ଦାଶ, ରମେଶ ଦେ, ସଂଜୟ ବର୍ମା, ଗୋମତୀ ସ୍ୱାଇଁ, ଅନୀତା ଧଳ, ଶୁଭସ୍ମିତା ବେହେରା ଓ ଅଭିଷେକ ବେହେରାଙ୍କ ସମେତ ପୁରାତନ ଛାତ୍ରଛାତ୍ରୀ ଓ ଶିକ୍ଷୟିତ୍ରୀ ଶିକ୍ଷକ ଯୋଗଦାନ କରି ଏହି ପୁରାତନ ଶିକ୍ଷାନୁଷ୍ଠାନ ମନ୍ମଥନାଥ ଉଚ୍ଚ ବିଦ୍ୟାଳୟର ଇତିହାସ ବିଷୟରେ ଆଲୋକପାତ କରିବା ସହିତ ବିଦ୍ୟାଳୟ ପ୍ରତିଷ୍ଠାତା ସଦସ୍ୟମାନଙ୍କୁ କୃତଜ୍ଞତା ଜଣାଇଥିଲେ। ପ୍ରାରମ୍ଭରେ ଜଗନ୍ନାଥଙ୍କୁ ପୂଜାର୍ଚ୍ଚନା ପରେ ବିଦ୍ୟାଳୟ ପ୍ରତିଷ୍ଠାତା ଦିବଂଗତ ମନ୍ମଥନାଥ ମିତ୍ରଙ୍କୁ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ପ୍ରଧାନ ଶିକ୍ଷକ ଅଶୋକ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ମୁଖ୍ୟମନ୍ତ୍ରୀ ବସ୍ ସେବା ରୁଟ୍ ପରିବର୍ତ୍ତନ ବିବାଦ
# ଜିଲା ଘରୋଇ ବସ୍ ମାଲିକ ସଂଘର ବିରୋଧ

କେନ୍ଦ୍ରାପଡ଼ା, ୧୪।୧ (ଜଗନ୍ନାଥ ଧଳ)

ମୁଖ୍ୟମନ୍ତ୍ରୀ ବସ୍‌ସେବାର ରୁଟ ପରିବର୍ତ୍ତନ କରଛନ୍ତି । ଗ୍ରାମାଞ୍ଚଳରୁ ଆସୁଥିବା ଏହି ଯୋଜନାରେ ବସ୍‌ଗୁଡିକ ବ୍ଲକ ସଦର ସହ ଜିଲା ସଦରକୁ କେତେକ ବସ୍‌କୁ ଅନୁମତି ଦିଆଯାଇଛି । ଏହାକୁ କେନ୍ଦ୍ରାପଡା ଜିଲା ଘରୋଇ ବସ୍ ମାଲିକ ସଂଘ ବିରୋଧ କରିଛି । ଘରୋଇ ବସ୍ ଚଳାଚଳ ଅସୁବିଧା ଦର୍ଶାଇ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ଜିଲାପାଳଙ୍କୁ ବୁଧବାର ପ୍ରଦାନ କରାଯାଇଛି । ଏ ସମ୍ପର୍କରେ ସଂଘ ସଭାପତି ରେବତୀରମଣ ଦାସ କହିଛନ୍ତି, ଗ୍ରାମାଞ୍ଚଳରୁ ସହରାଞ୍ଚଳ ପର୍ଯ୍ୟନ୍ତ ଗମନାଗମନ ସୁବିଧା ପାଇଁ ୨୦୨୪ ଫେବୃଆରୀରେ ତତ୍କାଳୀନ ରାଜ୍ୟ ସରକାର ଲକ୍ଷ୍ମୀ ବସ୍ ସେବା ଆରମ୍ଭ କରିଥିଲେ । ଅଦ୍ୟାବଧି ଜିଲାରେ ୩୫ଟି ବସ୍ ଚାଲିଛି । ଏଥିରୁ ୯ ବସ୍ ଜିଲା ସଦରକୁ ଆସୁଛି । ଚଳିତ ରାଜ୍ୟ ସରକାର ମୁଖ୍ୟମନ୍ତ୍ରୀ ବସ୍ ସେବା ଅଧୀନରେ ଜିଲା ସଦରକୁ ୧୪ ବସ୍ ଚାଲିବା ପାଇଁ ନିଷ୍ପତି ନେଇଛନ୍ତି। ମୁଖ୍ୟମନ୍ତ୍ରୀ ବସ୍ ସେବା ଘରୋଇ ବସ୍ ଚଳାଚଳକୁ ପ୍ରଭାବିତ କରିଛି । ଅଧିକାଂଶ ଘରୋଇ ବସ୍ ସିଟ୍ ଏଥିପାଇଁ ଖାଲିପଡୁଛି। ନୂତନ ନିଷ୍ପତି ଏହି କ୍ଷତି ଅଧିକ କରିବ। ରାଜ୍ୟ ସରକାରଙ୍କ ଏପରି ନିଷ୍ପତିର ପୁର୍ନବିଚାର ପାଇଁ ସଂଘ ପକ୍ଷରୁ ସ୍ମାରକପତ୍ର ଦିଆଯାଇଛି । ୧୫ ତାରିଖ ସୁଦ୍ଧା ସମାଧାନ ନ ହେଲେ ଘରୋଇ ବସ୍ ଆସନ୍ତା ୧୬ ତାରିଖଠାରୁ ବନ୍ଦ ରହିବ ବୋଲି ସେ ସୂଚନା ଦେଇଛନ୍ତି।

# ଶ୍ରୀବଳଦେବଜୀଉଙ୍କ ମକର ସଂକ୍ରାନ୍ତି ପାଳନ

କେନ୍ଦ୍ରାପଡା,୧୪।୧(ଜଗନ୍ନାଥ ଧଳ)

ତୁଳସୀ କ୍ଷେତ୍ରାଧିପତି ଶ୍ରୀବଳଦେବଜୀଉଙ୍କ ମନ୍ଦିରରେ ମକର ସଂକ୍ରାନ୍ତି ଉତ୍ସବ ବୁଧବାର ପାଳନ ହୋଇଯାଇଛି । ଏଥିସହ ସହର ଓ ଗ୍ରାମାଞ୍ଚଳର ବିଭିନ୍ନ ଦେବୀଦେବ ପୀଠରେ ମକର ଚାଉଳ ଓ ପୋଡପିଠା ଭୋଗଲାଗି ହୋଇ ବଣ୍ଟନ ହୋଇଛି। ସେହିପରି କେତେକ ଧାର୍ମିକ ଅନୁଷ୍ଠାନର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଗତ ସନ୍ଧ୍ୟାରେ ଶ୍ରୀଜୀଉ ମନ୍ଦିରର ସ୍ୱତନ୍ତ୍ର ନୀତି ନବାଙ୍କ ବେଢ଼ା ପରିକ୍ରମା ଅନୁଷ୍ଠିତ ହୋଇଥିଲା। ମାଆ ଲକ୍ଷ୍ମୀ ବାପ ଘରୁ ମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିବା ଅବସରରେ ୫ ଥର ବେଢ଼ା ପରିକ୍ରମା କରିଥିଲେ। ମକର ସଂକ୍ରାନ୍ତି ଅବସରରେ ଅବଶିଷ୍ଟ ୪ ଥର ବେଢ଼ା ପରିକ୍ରମା ସହ ବାପ ଘରୁ ଆସିଥିବା ବ୍ୟଞ୍ଜନ ଶ୍ରୀଜୀଉଙ୍କୁ ଅର୍ପଣ କରିଥିଲେ । ପ୍ରତ୍ୟୁଷରୁ ଶ୍ରୀଜୀଉଙ୍କ ପହଡ ଫିଟାଯାଇ ମଙ୍ଗଳ ଆଳତୀ ହୋଇଥିଲା। ନୀତିସ୍ନାନ ପରେ ଗୋପାଳବଲ୍ଲଭ ଓ ପୂର୍ବାହ୍ନ ୯ଟାରେ ଖେଚୁଡି ଧୂପ ଲାଗି ହୋଇଥିଲା। ଅପରାହ୍ନରେ ନିଶଙ୍କୁଡି ମକର ଚଉରାଅଶି ଭୋଗ ଓ ସନ୍ଧ୍ୟାରେ ୮୪ ପ୍ରକାର ସଙ୍କୁଡି ଭୋଗ ଅର୍ପଣ କରାଯାଇଥିଲା । ମକର ସଂକ୍ରାନ୍ତି ଉତ୍ସବ ପାଇଁ ପ୍ରତ୍ୟୁଷରୁ ରାତ୍ର ପର୍ଯ୍ୟନ୍ତ ଶ୍ରଦ୍ଧାଳୁଙ୍କ ଭିଡ ଲାଗିଥିଲା। ରଥଦାଣ୍ଡରେ ଏହି ସମୟରେ ୨୦ ହଜାରରୁ ଅଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା।


ମକର ସଂକ୍ରାନ୍ତିରେ ବଳଦେବଜୀଉଙ୍କ ନିକଟରେ ଶ୍ରଦ୍ଧାଳୁ।

## ଏମ୍‌ପିଙ୍କ ଜନ୍ମଦିନରେ ରକ୍ତଦାନ ଶିବିର

ଡେରାବିଶ, ୧୪।୧(ବେବର୍ତ୍ତା ଅଜୟ ଦାସ)

ଡେରାବିଶ ରାଷ୍ଟ୍ରୀୟ ଯୁବ ଦିବସ ଏବଂ କେନ୍ଦ୍ରାପଡାର ଏମ୍‌ପି ବୈଜୟନ୍ତ ପଣ୍ଡାଙ୍କ ଜନ୍ମଦିନ ଅବସରରେ ଜିଲା ଭାଜପା ଯୁବମୋର୍ଚ୍ଚା ସଭାପତି ଶୋଭନ ଆଚାର୍ଯ୍ୟଙ୍କ ସଂଯୋଜନାରେ ଚଣ୍ଡୀ ବଜାରଠାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମହାକାଳପଡ଼ା ବିଧାୟକ ଡ. ଦୁର୍ଗାପ୍ରସନ୍ନ ନାୟକ, ଜିଲା ଭାଜପା ସଭାପତି ଶଶାଙ୍କ ଶେଖର ସେଠୀ, ବରିଷ୍ଠ ନେତ୍ରୀ ଗୀତାଞ୍ଜଳି ସେଠୀ, ଜିଲା ଭାଜପା ଉପସଭାନେତ୍ରୀ ମନୀଷା ପଣ୍ଡା,ସୀମାଦ୍ରୀ ଶେଖର ପରିଡ଼ା,ଅମିତାଭ ସୁଆର ଓ ଉପିନ ରାଉତ ପ୍ରମୁଖ ନେତୃମଣ୍ଡଳୀ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ମୋଟ ୫୧ ୟୁନିଟ ରକ୍ତ ସଂଗୃହୀତ ହୋଇଥିବା ବେଳେ ଜିଲା ମୁଖ୍ୟ ଚିକିତ୍ସାଳୟ ରକ୍ତଭଣ୍ଡାର କର୍ମଚାରୀମାନେ ଉପସ୍ଥିତ ରହି ରକ୍ତଦାତାଙ୍କଠାରୁ ରକ୍ତ ସଂଗ୍ରହ କରିଥିଲେ। ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ କେଶବ ମିଶ୍ର, ସ୍ମୃତି ମଲ୍ଲ, ଅନୀଲ ସ୍ୱାଇଁ, ଚନ୍ଦନ ରାଉତରାୟ, ବନ୍ଦନା ରାଉତ,ବରଦା ବିଶାଳ, ତପନ ମହାନ୍ତି, ସଙ୍ଗମ ନାୟକ,ସାଧୀନ ସୁବର୍ଣ୍ଣ, ସଚ୍ଚିଦାନନ୍ଦ ରଣ ସିଂ ଓ ଝିଲ୍ଲି ଦାସ ପ୍ରମୁଖ ପରିଚାଳନାରେ କରିଥିଲେ।

# ମକର ପର୍ବରେ ଶବରୀ ଶବରଙ୍କ ସହ ଝୁମିଲେ ବିଧାୟକ

ମହାକାଳପଡ଼ା,୧୪।୧(ପ୍ରତାପ ଚନ୍ଦ୍ର ସ୍ୱାଇଁ)

ମହାକାଳପଡ଼ା ବ୍ଲକ ଅଞ୍ଚଳ ଗାଁ ମାନଙ୍କରେ ମକର ପର୍ବ ଅବସରରେ ହାତରେ ହାତ ମିଳାଇ କାନ୍ଧରେ କାନ୍ଧ ମିଶାଇ ଆଦିବାସୀମାନଙ୍କ ସହିତ ଝୁମିଲେ ବିଧାୟକ ଡ଼ ଦୁର୍ଗା ପ୍ରସନ୍ନ ନାୟକ। ପେଟଛେଲା ପଞ୍ଚାୟତ ଆଦିବାସୀ ଶବରପଡ଼ା ଗାଁରେ ମକର ପର୍ବକୁ ଧୁମ୍ ଧାମରେ ପାଳନ କରାଯାଉଛି। ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ପରଲୋକ

କଟକ,୧୪।୧(କାର୍ତ୍ତିକ ସାହୁ)

ଉତ୍ତରକୁଳସ୍ଥିତ ବାପୁଜୀ ସ୍ମାରକୀ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବାଉରୀବନ୍ଧୁ ଷଡ଼ଙ୍ଗୀ(୮୬)ଙ୍କ ତାଙ୍କ ମିଶର ନରସିଂହପୁରସ୍ଥିତ ବାସଭବନରେ ପରଲୋକ ହୋଇଯାଇଛି। ସେ ଜଣେ ସରଳ, କର୍ମଠ, ସ୍ପଷ୍ଟବାଦୀ ଓ ଦୟାଳୁ ବ୍ୟକ୍ତିଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି। ଶେଷ ସମୟରେ ତାଙ୍କ ସ୍ତ୍ରୀ, ପୁତ୍ର, ପୁତ୍ରବଧୂ, ଝିଅ ଜ୍ୱାଇଁ, ନାତୁଣୀ ନାତି ଓ ବନ୍ଧୁବାନ୍ଧବମାନେ ଉପସ୍ଥିତ ଥିଲେ। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ତାଙ୍କ ଜ୍ୟେଷ୍ଠ ପୁତ୍ର ବିଜୟ କୁମାର ଷଡ଼ଙ୍ଗୀ ମୁଖାଗ୍ନି ଦେଇଥିଲେ।


ବାଉରୀବନ୍ଧୁ ଷଡ଼ଙ୍ଗୀ

# ଇଜ୍‌ତେମା ସ୍ଥଳରେ ସମୀକ୍ଷା କଲେ ଶାନ୍ତିକମିଟି ସଦସ୍ୟ


ଶାନ୍ତି କମିଟି ସଦସ୍ୟମାନେ ଉଜ୍‌ତେମା ସ୍ଥଳ ବୁଲି ଦେଖୁଛନ୍ତି।

ଆଳି,୧୪।୧(ବନମାଳୀ ସେନାପତି)

ଜାନୁୟାରୀ ୧୭ ରୁ ୧୯ ତାରିଖ ତାରିଖ ପର୍ଯ୍ୟନ୍ତ ୩ ଦିନ ବ୍ୟାପି ରାଜ୍ୟସ୍ତରୀୟ ଇଜତମା ଆଳି ବ୍ଲକରେ ହେବାକୁ ଥିବାରୁ ଏଥି ନିମନ୍ତେ ପ୍ରସ୍ତୁତି ଜୋରଦାର ଚାଲିଛି। ଏହି ଅବସରରେ କାର୍ଯ୍ୟକ୍ରମକୁ ଶାନ୍ତି ଶୃଙ୍ଖଳାର ସହ ସମାପନ ନିମନ୍ତେ ଗଠନ ହୋଇଥିବା ଶାନ୍ତି କମିଟିର ସଦସ୍ୟମାନେ ଇଜତେମା ପଡିଆରେ ବୁଧବାର ସମୀକ୍ଷା କରିଛନ୍ତି । ଶାନ୍ତି କମିଟି ସଭାପତି ଭୀଷ୍ମ ମହାନ୍ତି,ସମ୍ପାଦକ ଅକ୍ଷୟ ମଲ୍ଲିକ,ପଞ୍ଚାୟତ ସମିତି ଅଧ୍ୟକ୍ଷ ମନୋରଞ୍ଜନ ସାମଲ, ଅତିରିକ୍ତ ତହସିଲଦାର ମାନସ ସ୍ୱାଇଁ, ଆଳି ବ୍ଲକ କଂଗ୍ରେସ ସଭାପତି ରବିନାରାୟଣ ବେହେରା, ଇଜତେମା କମିଟି ସଭାପତି ସେକ୍ ମୁସ୍ତାକ (ଗବର), ସେକ୍ ସୁପାନ, କାଦର ଖାନ, ଗିଆସଦ ଖାନ,ଦିବାକର ନାୟକ,ଖବରଦାତା ପ୍ରଭୁ କଲ୍ୟାଣ ସେନାପତି, ବିନୟ ମଲିକ, ହାଫିଜ ଗିହାନ, ସେକ୍ ନୁର ମହମ୍ମଦ ଓ ଫଇମ ବାବୁ ପ୍ରମୁଖ ଉପସ୍ଥିତ ରହି ଉତ୍ସବର ପରିଚାଳନା ବିଷୟରେ ଆଲୋଚନା କରିବା ସହ ଏହି ସମ୍ମିଳନୀରେ ଯୋଗଦେବାକୁ ଆସୁଥିବା ଶ୍ରଦ୍ଧାଳୁମାନଙ୍କ ନିମନ୍ତେ ପ୍ରସ୍ତୁତ ହୋଇଥିବା ସମ୍ମିଳନୀ ସ୍ଥଳ, ପାନୀୟ ଜଳ ବ୍ୟବସ୍ଥା, ଶୌଚାଳୟ, ଗମନା ଗମନ, ସ୍ୱାସ୍ଥ୍ୟ ଶିବିର, ଅଗ୍ନି ନିର୍ବାପକ ବ୍ୟବସ୍ଥା କିଭଳିଭାବେ କରାଯିବ ସେ ବିଷୟରେ ଆଲୋଚନା କରିଥିଲେ।


**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ST-OT-LHS-03-KUR-534, ତା.08.01.2026ରିଖ

**କାର୍ଯ୍ୟର ନାମ :** ଖୋର୍ଦ୍ଧା ରୋଡ୍ ମଣ୍ଡଳ ପରିସୀମା ଅଧିନସ୍ଥ କଟକ-ପାରାଦୀପ ଲାଇନରେ କନ୍ଦରପୁର-କଟକ ଷ୍ଟେସନ ମଧ୍ୟରେ କି.ମି. 429/20-22 ଠାରେ, ବୈତାରୀ-ଟମକା ଷ୍ଟେସନ ମଧ୍ୟରେ ଲେଭେଲ କ୍ରସିଙ୍ଗ ନଂ. JD-1 (ରେଳବାଇ କି.ମି. 147/44-148/2), ମଙ୍ଗଳପୁର-କନ୍ଦରପୁର ଷ୍ଟେସନ ମଧ୍ୟରେ ଲେଭେଲ କ୍ରସିଙ୍ଗ ନଂ. CP-8 (କି.ମି. 418/5-7), ଏବଂ ଇଖପୁରା-ଜେନାପୁର ମଧ୍ୟରେ କି.ମି. 346/7-9 ଠାରେ ଅନଧିକାର ପ୍ରବେଶ ସ୍ଥାନରେ ଅତିକ୍ରମଣକୁ ନିୟନ୍ତ୍ରଣ ଏବଂ ବର୍ତ୍ତମାନର ଲାଗୁଥିବା ଲେଭେଲ କ୍ରସିଙ୍ଗଗୁଡ଼ିକ ପରିବର୍ତ୍ତେ ସ୍ୱଳ୍ପ ଉଚ୍ଚତା ବିଶିଷ୍ଟ ଉପମାର୍ଗ (LHS)ର ବ୍ୟବସ୍ଥା ଏବଂ ନିର୍ମାଣ।

**ଟେଣ୍ଡର ମୂଲ୍ୟ :** ₹1,43,17,146.29, EMD : ₹2,21,600/-

ବିଡ୍ ଆରମ୍ଭ ହେବା ତାରିଖ : ତା.16.01.2026ରିଖ

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.30.01.2026ରିଖ 1100 ଘଟିକା।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ବରିଷ୍ଠ ମଣ୍ଡଳ ସଙ୍କେତ ଏବଂ ଦୂରସଞ୍ଚାର ଯନ୍ତ୍ରୀ, ଖୋର୍ଦ୍ଧା ରୋଡ୍

PR-1007/Q/25-26


(ପୂର୍ବ ପୃଷ୍ଠାର ଅବଶିଷ୍ଟାଂଶ)

| କ୍ରମିକ ନଂ. | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|
| ୯୨ | ୬୧୧/ ୨୭୬୦ | ୯୨୮ | ଶାରଦ-୨ | ୦.୨୧୦ | ଏ.୦.୦୦୫ଡି | ବନଲତା ମହାନ୍ତି, ସ୍ୱା./-ପ୍ରଶାନ୍ତ କୁମାର ମହାନ୍ତି, ଜା:କରଣ, ବା:ପଟିଆ, ସସ୍ମିତା ମହାନ୍ତି, ସ୍ୱା:ସଞ୍ଜୟ କୁମାର ପାତ୍ର, ଜା:କରଣ, ବା:ଶହୀଦ ନଗର, ଭୁବନେଶ୍ୱର, ଶାଶ୍ୱତୀ ମହାନ୍ତି, ସ୍ୱା:ସତୀଶ ମହାନ୍ତି, ଜା:କରଣ, ବା:ସୋରୋ, ବାଲେଶ୍ୱର, ପ୍ରସନ୍ନ କୁମାର ମହାନ୍ତି, ପି:ବଂଶୀଧର ମହାନ୍ତି, ଜା:କରଣ, ବା:ପଟିଆ, ଥା-ଚନ୍ଦ୍ରଶେଖରପୁର, ଜି-ଖୋର୍ଦ୍ଧା, ଇତିଶ୍ରୀ ମହାନ୍ତି, ସ୍ୱା:ଭବାନୀ ଶଙ୍କର ମହାନ୍ତି, ତନୁଶ୍ରୀ ମହାନ୍ତି, ଲକ୍ଷ୍ମୀପ୍ରିୟା ମହାନ୍ତି, ପି:ଭବାନୀ ଶଙ୍କର ମହାନ୍ତି, ଜା:କରଣ, ବା:ପଟିଆ |
| ୯୩ | ୬୧୧/ ୩୫୩୭ | ୧୧୮୧ | ଶାରଦ-୧ | ୦.୨୦୯ | ଏ.୦.୨୦୯ | ତୃପ୍ତିମୟୀ ସିଂହ,ସ୍ୱା: ମନୋଜ କୁମାର ସିଂହ, ବା ଭୀମ-୧୦୦, ଶୈଳଶ୍ରୀ ବିହାର, ଚନ୍ଦ୍ରଶେଖରପୁର, ସୌମେନ୍ଦ୍ର ପ୍ରସାଦ ମହାନ୍ତି, ଅରବିନ୍ଦ ପ୍ରସାଦ ମହାନ୍ତି, ଧର୍ମେନ୍ଦ୍ର ପ୍ରସାଦ ମହାନ୍ତି, ଜନ୍ମେଜୟ ମହାନ୍ତି, ପି:ପ୍ୟାରିମୋହନ ମହାନ୍ତି, ବା:ପଟିଆ, ଥା-ଚନ୍ଦ୍ରଶେଖରପୁର, ଜି-ଖୋର୍ଦ୍ଧା |
| ୯୪ | ୬୧୧/ ୩୫୩୭ | ୧୧୮୧/ ୧୧୫୦୭ | ଘରବାରି | ୧.୪୯୧ | ଏ.୦.୦୩୦ | ତୃପ୍ତିମୟୀ ସିଂହ,ସ୍ୱା: ମନୋଜ କୁମାର ସିଂହ, ବା ଭୀମ-୧୦୦, ଶୈଳଶ୍ରୀ ବିହାର, ଚନ୍ଦ୍ରଶେଖରପୁର, ସୌମେନ୍ଦ୍ର ପ୍ରସାଦ ମହାନ୍ତି, ଅରବିନ୍ଦ ପ୍ରସାଦ ମହାନ୍ତି, ଧର୍ମେନ୍ଦ୍ର ପ୍ରସାଦ ମହାନ୍ତି, ଜନ୍ମେଜୟ ମହାନ୍ତି, ପି:ପ୍ୟାରିମୋହନ ମହାନ୍ତି, ବା:ପଟିଆ, ଥା-ଚନ୍ଦ୍ରଶେଖରପୁର, ଜି-ଖୋର୍ଦ୍ଧା |
| ୯୫ | ୬୧୧/ ୩୫୩୬ | ୧୧୮୨ | ଶାରଦ-୨ | ୦.୫୪୧ | ଏ.୦.୪୬୬ଡି | ତୃପ୍ତିମୟୀ ସିଂହ,ସ୍ୱା: ମନୋଜ କୁମାର ସିଂହ, ବା ଭୀମ-୧୦୦, ଶୈଳଶ୍ରୀ ବିହାର, ଚନ୍ଦ୍ରଶେଖରପୁର, ସୌମେନ୍ଦ୍ର ପ୍ରସାଦ ମହାନ୍ତି, ଅରବିନ୍ଦ ପ୍ରସାଦ ମହାନ୍ତି, ଧର୍ମେନ୍ଦ୍ର ପ୍ରସାଦ ମହାନ୍ତି, ଜନ୍ମେଜୟ ମହାନ୍ତି, ପି:ପ୍ୟାରିମୋହନ ମହାନ୍ତି, ବା:ପଟିଆ, ଥା-ଚନ୍ଦ୍ରଶେଖରପୁର, ଜି-ଖୋର୍ଦ୍ଧା |
| ୯୬ | | ୧୧୮୨/ ୧୧୫୦୯ | ଘରବାରି | ୦.୫୪୧ | ଏ.୦.୧୨୬ଡି | ତୃପ୍ତିମୟୀ ସିଂହ,ସ୍ୱା: ମନୋଜ କୁମାର ସିଂହ, ବା ଭୀମ-୧୦୦, ଶୈଳଶ୍ରୀ ବିହାର, ଚନ୍ଦ୍ରଶେଖରପୁର, ସୌମେନ୍ଦ୍ର ପ୍ରସାଦ ମହାନ୍ତି, ଅରବିନ୍ଦ ପ୍ରସାଦ ମହାନ୍ତି, ଧର୍ମେନ୍ଦ୍ର ପ୍ରସାଦ ମହାନ୍ତି, ଜନ୍ମେଜୟ ମହାନ୍ତି, ପି:ପ୍ୟାରିମୋହନ ମହାନ୍ତି, ବା:ପଟିଆ, ଥା-ଚନ୍ଦ୍ରଶେଖରପୁର, ଜି-ଖୋର୍ଦ୍ଧା |

ମୋଟ ଅଧିଗୃହୀତ ରକବା ଏ.୧୧.୬୯୨ ଡିସିମିଲ

ସ୍ୱା./- (କ୍ରିଷ୍ଣା କୁମାର ଜେନା)
ଭୂ-ଅର୍ଜନ ଅଧିକାରୀ, ଖୋର୍ଦ୍ଧା

OIPR-


**ଦ.ପୂ. ରେଳପଥ – ଟେଣ୍ଡର**

ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ କାର୍ଯ୍ୟରତ ଡିଆର୍‌ଏମ୍/ଇଏନ୍‌ଜି, ଦକ୍ଷିଣ ପୂର୍ବ ରେଳପଥ, ଚକ୍ରଧରପୁର ଖୋଲା ଟେଣ୍ଡର ବାବଦରେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଏହି ଟେଣ୍ଡରଗୁଡ଼ିକ ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । **କ୍ର.ସଂ.-୧ । ଟେଣ୍ଡର ବିଜ୍ଞପ୍ତି ନଂ.: ସିକେପି-ଇଷ୍ଟ-୨୫-୨୬-୫୨, ତାରିଖ: ୧୩।୦୧।୨୦୨୬ । କାର୍ଯ୍ୟର ନାମ:** (i) ଚକ୍ରଧରପୁର ମଣ୍ଡଳରେ ବରିଷ୍ଠ ଡିଇଏନ୍ (ପୂର୍ବ)/ଚକ୍ରଧରପୁରଙ୍କ କ୍ଷେତ୍ରାଧିକାର ଅଧୀନରେ ଟ୍ରାକ୍ ରିନିୱାଲ ଟ୍ରେନ୍ (ଟିଆରଟି) ଦ୍ୱାରା ୪୧.୨୧୭ ଟିକେଏମ୍‌ର ଥ୍ରୁ ସ୍ଲିପର୍ ନବୀକରଣ, ବିସିଏମ୍ ଓ ଟି-୨୮ ଦ୍ୱାରା ଡିପ୍ ସ୍କ୍ରିନିଂ ଏବଂ ଅନ୍ୟାନ୍ୟ ବିବିଧ କାର୍ଯ୍ୟ । (ii) ଟାଟାନଗର-ଅଁଳାଯୋଡ଼ି ୨୮୬.୦୦-୨୯୦.୯୦୩ = ୪.୯୦୩ ଟିକେଏମ୍ ମଧ୍ୟରେ ଟ୍ରାକ୍ ରିନିୱାଲ ଟ୍ରେନ୍ (ଟିଆରଟି) ଦ୍ୱାରା ୪.୯୦୩ ଟିକେଏମ୍‌ର ଥ୍ରୁ ସ୍ଲିପର୍ ନବୀକରଣ, ବିସିଏମ୍ ଓ ଟି-୨୮ ଦ୍ୱାରା ଡିପ୍ ସ୍କ୍ରିନିଂ ଏବଂ ଅନ୍ୟାନ୍ୟ ବିବିଧ କାର୍ଯ୍ୟ । (iii) ଟାଟାନଗର-ଅଁଳାଯୋଡ଼ି କିମି ୨୫୯-୨୭୦ ସେକ୍ସନ ମଧ୍ୟରେ ୧୧ କିମିର ଥ୍ରୁ ସ୍ଲିପର୍ ନବୀକରଣ (ପି) (ଟ୍ରାକ୍ ରିନିୱାଲ ଟ୍ରେନ୍ (ଟିଆରଟି) ଓ ପିକ୍ୟୁଆର୍‌ଏସ୍ ଦ୍ୱାରା), ବିସିଏମ୍ ଓ ଟି-୨୮ ଦ୍ୱାରା ଡିପ୍ ସ୍କ୍ରିନିଂ ଏବଂ ଅନ୍ୟାନ୍ୟ ବିବିଧ କାର୍ଯ୍ୟ । **ଟେଣ୍ଡର ମୂଲ୍ୟ:** ₹୮,୫୦,୨୪,୬୩୪.୨୮ । **ଇଏମ୍‌ଡି:** ₹୫,୭୫,୧୦୦ । **ଖୋଲାଯିବା ତାରିଖ:** ୦୪।୦୨।୨୦୨୬ । **କ୍ର.ସଂ.-୨ । ଟେଣ୍ଡର ବିଜ୍ଞପ୍ତି ନଂ.: ସିକେପି-ୱେଷ୍ଟ-୨୫-୨୬-୩୭, ତାରିଖ: ୧୩।୦୧।୨୦୨୬ । କାର୍ଯ୍ୟର ନାମ:** ତା୩୦।୦୬।୨୦୨୭ରିଖ ପର୍ଯ୍ୟନ୍ତ ସମାପ୍ତ ହେଉଥିବା ଅବଧି ପାଇଁ ଏସ୍‌ଏସ୍‌ଇ (ୱାର୍କସ୍)/II-ବଣ୍ଡମୁଣ୍ଡାଙ୍କ ଅଧୀନରେ ଡିଜେଲ୍ ଓ ଇଲେକ୍ଟ୍ରିକାଲ ଲୋକୋ ଶେଡ୍ ସି ଆଣ୍ଡ ଡବ୍ଲ୍ୟୁ ଅଫିସ୍ ଅଧୀନରେ ଜୋନାଲ୍ କାର୍ଯ୍ୟ, ସିକ୍ ଲାଇନ୍ କାର୍ଯ୍ୟର ନିର୍ବାହ (୨ୟ ଆହ୍ୱାନ) । **ଟେଣ୍ଡର ମୂଲ୍ୟ:** ₹୧,୩୮,୦୦,୦୦୦ । **ଇଏମ୍‌ଡି:** ₹୨,୧୯,୦୦୦ । **ଖୋଲାଯିବା ତାରିଖ:** ୦୫।୦୨।୨୦୨୬ । **ଟେଣ୍ଡର ଫର୍ମ ମୂଲ୍ୟ:** ₹୦ (କ୍ର.ସଂ. ୧ ଓ ୨ ପାଇଁ) । ଟେଣ୍ଡର ୱେବ୍‌ସାଇଟ୍ http://www.ireps.gov.in ରେ ଦେଖାଯାଇପାରିବ । ଟେଣ୍ଡରଦାତା/ବିଡରଙ୍କ ନିକଟରେ କ୍ଲାସ୍-III ଡିଜିଟାଲ ସିଗ୍ନେଚର ସାର୍ଟିଫିକେଟ୍ ରହିଥିବା ଆବଶ୍ୟକ ଓ ସେ ଆଇଆରଇପିଏସ୍ ପୋର୍ଟାଲରେ ପଞ୍ଜୀକୃତ ହୋଇଥିବା ଜରୁରୀ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡରମାନେ ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜ ଅପଲୋଡ୍ କରାଯିବା ଜରୁରୀ । **ଦ୍ରଷ୍ଟବ୍ୟ:** ସମସ୍ତ ଟେଣ୍ଡରଦାତାଙ୍କ ପାଇଁ ଇ-ଟେଣ୍ଡର ଫର୍ମ ବିନା ମୂଲ୍ୟରେ ଜାରି କରାଯିବ (କର୍ତ୍ତୃପକ୍ଷ – ରେଳବାଇ ବୋର୍ଡର ଚିଠି ସଂ.: ୨୦୨୦/ସିଇ-I/ସିଟି/୩ଇ/ଜିସିସି/ପଲିସି ତାରିଖ: ୧୬।୦୭।୨୦୨୦) । (PR-1062)



**OFFICE OF THE EXECUTIVE ENGINEER**
**RURAL WORKS DIVISION, BARGARH**
Email : rd_bgh@yahoo.co.in, Gmail : rwd.bgh@gmail.com

No.O-1996 — e-Procurement Notice No. ONLINE-BGH- 23 OF 2025-26

| | | | |
|---|---|---|---|
| 1 | Name of the Work | : | Road works during 2025-26 in the district of Bargarh |
| 2 | EMD | : | @1% of the estimated cost put to tender |
| 3 | Other details | : | As per DTCN |

| Procurement Officer | Bid Identification No. | Availability of Tender online for bidding From | Availability of Tender online for bidding To | Last Date & Time of Seeking tender clarification | Date & Time of opening of tender |
|---|---|---|---|---|---|
| 1 | 2 | 3 | 4 | 5 | 6 |
| Executive Engineer, Rural Works Division, Bargarh | ONLINE-BGH-23 OF 2025-26 | 17.01.2026 at 11.00 A.M. | 28.01.2026 upto 5.00 P.M. | 28.01.2026 upto 4.00 P.M. | 29.01.2026 at 11.00 A.M. |

Further details can be seen from the website www.tendersorissa.gov.in.

OIPR-

Sd./- Executive Engineer
R.W. Division, Bargarh



# ନିୟନ୍ତ୍ରିତ ବଜାର କମିଟି, ବାଲୁଗାଁ, ଜି: ଖୋର୍ଦ୍ଧା
## ୨୦୨୫-୨୬ ବର୍ଷରେ ଖରିଫ ଧାନ ବିକ୍ରୟ ପାଇଁ ବିଶେଷ ସୂଚନା

ବିଜ୍ଞାପନ ସଂଖ୍ୟା: ୭୭ — ତାରିଖ: ୧୩।୦୧।୨୦୨୬

ଏତଦ୍ୱାରା ପୁରୀ ଜିଲ୍ଲା ପୁରୀ ଉପଖଣ୍ଡ ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକର ସମସ୍ତ ଧାନଚାଷ ଭାଇ ଓ ଭଉଣୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଓଡ଼ିଶା ରାଜ୍ୟ ସରକାର ଓ ପୁରୀ ଜିଲ୍ଲା ପ୍ରଶାସନଙ୍କ ନିଷ୍ପତ୍ତିକ୍ରମେ ଉପରୋକ୍ତ ବ୍ଲକର ନିର୍ଦ୍ଧାରିତ ୧୦ଗୋଟି ଧାନ କ୍ରୟ କେନ୍ଦ୍ରରେ ଚଳିତ ଖରିଫ ୨୦୨୫-୨୬ ବିପଣନ ବର୍ଷ ପାଇଁ ତା୧୫।୦୧।୨୦୨୬ରିଖଠାରୁ ସରକାରଙ୍କ ନିର୍ଦ୍ଧାରିତ ସହାୟକ ମୂଲ୍ୟ ଓ ଧାର୍ଯ୍ୟ ଦିବସରେ ଧାନ କ୍ରୟ କରାଯିବାର ବ୍ୟବସ୍ଥା ହୋଇଅଛି। ଏଣୁ ସମ୍ପୃକ୍ତ ସେବା ସମବାୟ ସମିତିରେ ନାମ ପଞ୍ଜୀକରଣ କରିଥିବା ଚାଷୀଭାଇ ଓ ଭଉଣୀମାନେ ତାଙ୍କର ଉତ୍ପାଦିତ ବଳକା ଧାନକୁ ଭଲଭାବେ ସଫାକରି ଏଫ୍.ଏ.କ୍ୟୁ. ମାନକୁ ଉନ୍ନୀତ କରାଇ ନିର୍ଦ୍ଧାରିତ ଦିବସରେ କେବଳ ଖୋଟ ଅଖାରେ ପୂରାଇ ମଣ୍ଡିକୁ ଆଣିବାକୁ ଅନୁରୋଧ। ଚାଷୀଭାଇ ଓ ଭଉଣୀମାନଙ୍କ ପଞ୍ଜୀକୃତ ମୋବାଇଲ ନମ୍ବରକୁ ଆସିଥିବା ଏସ୍.ଏମ୍.ଏସ୍. ଅନୁସାରେ କେଉଁଦିନ, କେଉଁଠି ଓ କେତେ ପରିମାଣର ଧାନ ବିକ୍ରୟ କରିପାରିବେ ଏହା ସମ୍ପର୍କରେ ସମ୍ପୂର୍ଣ୍ଣ ତଥ୍ୟ ଅବଗତ ହୋଇପାରିବେ, ଟୋକନର ଅବଧି ୩୦ ଦିନ ରହିବ। ଧାନ ବିକ୍ରି, ମଣ୍ଡି ଓ ଟୋକନ ସମ୍ବନ୍ଧୀୟ ଅଧିକ ତଥ୍ୟ ପାଇବା ପାଇଁ ସରକାରଙ୍କ ଦ୍ୱାରା ଜାରି ଦେୟମୁକ୍ତ ନମ୍ବର **୧୯୬୭**କୁ ଯୋଗାଯୋଗ କରିପାରିବେ।

**ଏଫ୍.ଏ.କ୍ୟୁ. ଧାନର କ୍ୱିଣ୍ଟାଲ ପ୍ରତି ସର୍ବନିମ୍ନ ସହାୟକ ମୂଲ୍ୟ ସହିତ ଇନ୍‌ପୁଟ ସହାୟତା ରାଶି ମିଶାଇ ୩୧୦୦ ଟଙ୍କା ପ୍ରଦାନ କରିବା ପାଇଁ ଧାର୍ଯ୍ୟ କରାଯାଇଅଛି।**

**୨୦୨୫-୨୬ ଖରିଫ ବର୍ଷ ପାଇଁ (FAQ) ଧାନର ଗୁଣାତ୍ମକ ମାନ**

| କ୍ର.ନଂ. | ଧାନରେ ମିଶ୍ରିତ ବା ବାହ୍ୟ ପଦାର୍ଥ: ସର୍ବାଧିକ ପରିସୀମା (ଶତକଡ଼ା) | ଏଫ୍.ଏ.କ୍ୟୁ.ମାନର ଧାନ ପାଇଁ ସର୍ବୋଚ୍ଚ ସୀମା |
|---|---|---|
| ୧. | କ) ବାଲି, ଗୋଡ଼ି, ମାଟି, ପଥର ବା ଧୂଳି ଇତ୍ୟାଦି ଅଜୈବିକ ବାହ୍ୟ ପଦାର୍ଥ<br>ଖ) କାଠି, କୁଟା, ଧୂଷ, ଅଗାଡ଼ି ବା ପୋଲ ଇତ୍ୟାଦି ଜୈବିକ ବାହ୍ୟ ପଦାର୍ଥ | ୧%<br>୧% |
| ୨. | ଖରାପ, ବେରଙ୍ଗୀ, ପାଣିଫୁଲା, ପୋକା (*ଖରାପ, ପାଣିଫୁଲା ଏବଂ ପୋକା ୪% ମଧ୍ୟରେ ସୀମିତ ରହିବା ଦରକାର) | ୫% |
| ୩. | ଅପରିପକ୍ୱ, ସବୁଜ, କଞ୍ଚା, ବଙ୍କା ବା ସଙ୍କୁଚିତ ଇତ୍ୟାଦି | ୩% |
| ୪. | ଗ୍ରେଡ୍ 'ଏ' ସରୁଧାନରେ ମିଶ୍ରିତ ମୋଟା ଧାନ (କେବଳ ଗ୍ରେଡ 'ଏ' ଧାନ ନିମନ୍ତେ) | ୬% |
| ୫. | ଆର୍ଦ୍ରତା ବା ଜଳୀୟ ଅଂଶର ପରିମାଣ | ୧୭% |

**ଯୋଗାଯୋଗ:**
ଜିଲ୍ଲାପାଳ, ପୁରୀ: ୦୬୭୫୨-୨୨୨୦୩୩
ଉପ-ଜିଲ୍ଲାପାଳ, ପୁରୀ: ୦୬୭୫୨-୨୨୨୦୫୯
ଜିଲ୍ଲା ଯୋଗାଣ ଅଧିକାରୀ, ପୁରୀ: ୯୪୩୮୨୦୦୦୫୬
ଜିଲ୍ଲା ଯୋଗାଣ ଅଫିସ କଣ୍ଟ୍ରୋଲ ରୁମ୍, ପୁରୀ: ୦୬୭୫୨-୨୨୨୨୨୮
ଉପନିବନ୍ଧକ ସମବାୟ ସମିତି ସମୂହ, ପୁରୀ: ୦୬୭୫୨-୨୨୩୫୮୧, ମୋ: ୯୪୩୭୫୦୯୩୮୦
ସହକାରୀ ନିବନ୍ଧକ, ସମବାୟ ସମିତି ସମୂହ, ପୁରୀ: ମୋ: ୯୯୩୭୧୫୯୦୨୫
ସମ୍ପାଦକ ନିୟନ୍ତ୍ରିତ ବଜାର କମିଟି, ବାଲୁଗାଁ: ମୋ: ୯୯୩୮୧୪୧୨୬୯

ସମ୍ପାଦକ
ନିୟନ୍ତ୍ରିତ ବଜାର କମିଟି, ବାଲୁଗାଁ

ଉପଜିଲ୍ଲାପାଳ, ଖୋର୍ଦ୍ଧା
ତଥା ଅଧ୍ୟକ୍ଷ, ନିୟନ୍ତ୍ରିତ ବଜାର କମିଟି, ବାଲୁଗାଁ

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com



@ ଆକାଶ



@ ଲକ୍ଷ୍ମୀ



@ ଶ୍ରୀକାନ୍ତ



@ ସୁନନ୍ଦା

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ବାଇକ୍ ଶୋଭାଯାତ୍ରାରେ ଆସି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ

## ମଣ୍ଡି ନ ଖୋଲିବା, କଟନୀ ଛଟନୀକୁ ଚାଷୀଙ୍କ ପ୍ରତିବାଦ

ନୟାଗଡ଼,୧୪।୧(ଲୋକନାଥ ମିଶ୍ର)

ନୟାଗଡ଼ ଜିଲାରେ ଧାନର ଅଭାବି ବିକ୍ରି, କଟନୀଛଟନୀ ଓ ଚାଷୀଙ୍କୁ କୁଇଣ୍ଟାଲ ପିଛା କମ ଟାର୍ଗେଟ ନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ବୁଧବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଚାଷୀମାନେ ନୟାଗଡ଼ ପୁରୁଣା ସହରର ହାତୀଆଶାଳ ମଠରୁ ଏକ ବାଇକ୍ ଶୋଭାଯାତ୍ରାରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଅପରପକ୍ଷେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉପଜିଲାପାଳ କର୍ଣ୍ଣଦେବ ସମାଦାରଙ୍କୁ ଏକ ସ୍ମାରକପତ୍ର ଦେଇଥିଲେ। ଧାନ କିଣା ପାଇଁ ପ୍ରଶାସନ ଗତ ନଭେମ୍ବର ୨୯ରେ ପୂଜା କରିଥିଲେ ମଧ୍ୟ ଧାନ ନ ଉଠିବା ଲଜ୍ଜାଜନକ ବୋଲି କହିଥିଲେ। ସେହିଭଳି ଧାନ ଉଠାଇବାକୁ ଆରମ୍ଭ କରିଥିବା ମିଲରମାନେ କୁଇଣ୍ଟାଲ ପିଛା ୭ କେଜି ୫୦୦ କଟନୀ ଛଟନୀ କରୁଛନ୍ତି ବୋଲି ଚାଷୀମାନେ ଉପଜିଲାପାଳଙ୍କ ପାଖରେ ଫେରାଦ ହୋଇଥିଲେ। ପ୍ରଥମରୁ ସ୍ମାରକପତ୍ର ଦେବାକୁ ଅଫିସ ଭିତରକୁ ପୋଲିସ ଡାକିବାରୁ ଚାଷୀମାନେ ଆମ ପାଖକୁ ଆସି ଅଫିସରମାନେ ସ୍ମାରକପତ୍ର ନେବାକୁ ଅଡ଼ିବସିଥିଲେ। ପୋଲିସ ଏଥିରେ ଅରାଜି ହେବାରୁ ଚାଷୀମାନେ ପ୍ରତିକ୍ରିୟା ପ୍ରକାଶ କରିଥିଲେ। ପରେ ଉପଜିଲାପାଳ ପହଞ୍ଚି ଦାବୀପତ୍ର ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପଠାଇଦେବୁ ବୋଲି ପ୍ରତିଶୃତି ଦେଇଥିଲେ। ଚଳିତ ବର୍ଷ ଯଦି ପୂର୍ବ ବର୍ଷ ଭଳି ୭ ରୁ ୧୦ କେଜି ଧାନ କମାଇବା ପାଇଁ ମିଲରମାନେ ମଣ୍ଡି ଗୁଡ଼ିକରେ ଜିଦ୍ କରନ୍ତି ତେବେ ସେମାନଙ୍କୁ ଧାନ କିଣିବା ପ୍ରକ୍ରିୟାରୁ ବାଦ ଦେବା ସହ ବ୍ଲାକ ଲିଷ୍ଟ କରିବା ପାଇଁ ରାଜ୍ୟ ସରକାରଙ୍କୁ ଅନୁରୋଧ କରାଯିବ ବୋଲି ସଂଗଠନର ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ କହିଥିଲେ।

ଜିଲା ସଂଯୋଜକ ପ୍ରସନ୍ନ ପ୍ରଧାନଙ୍କ ଆବାହକତ୍ୱରେ ସାଂଗଠନିକ ବୈଠକ ଓ ବିକ୍ଷୋଭ ଅନୁଷ୍ଠିତ ହୋଇଥିଲା ବେଳେ ସଂଗଠନର ବରିଷ୍ଠ ନେତା ମହେଶ୍ୱର ଜେନା ପ୍ରତି ମଣ୍ଡିରୁ ଚାଷୀଙ୍କୁ ଡାକି ଏହି ମିଲର ଶୋଷଣ ବରୋଧରେ ଲଢ଼େଇ ଜାରି ରହିବ ବୋଲି କହିଥିଲେ। ଏକ ସପ୍ତାହ ଭିତରେ ଯଦି କଟନୀ ଛଟନୀ ବନ୍ଦ ପାଇଁ ପ୍ରଶାସନ ମିଲରଙ୍କୁ ନିର୍ଦ୍ଦେଶ ନ ଦିଏ କିମ୍ବା କମ୍ ହୋଇଥିବା ଟାର୍ଗେଟ ସଂଶୋଧିତ ହୋଇ ନ ଆସେ ତେବେ ଜିଲାପାଳଙ୍କ ଅଫିସ ଅଚଳ କରିଦିଆଯିବ ବୋଲି ଚାଷୀନେତାମାନେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଫୁଲ ଲେଙ୍କା, ସୁରେନ୍ଦ୍ର ନାୟକ, ରଣପୁର ବ୍ଲକ ସଂଯୋଜକ ଅଜୟ ମହାନ୍ତି, ଭାଗବତ ପ୍ରଧାନ, ନୂଆଗାଁ ବ୍ଲକ ସଂଯୋଜକ ବିପିନ ବାରିକ, ସୁରେନ୍ଦ୍ର ଭଞ୍ଜ, ପୂର୍ବତନ ଜିଲା ସଂଯୋଜକ ବାସୁଦେବ ସାହୁ, ସମରେନ୍ଦ୍ର ନାୟକ, ବାଇନାଥ ସାହୁ ଓ କୁଳମଣି ହାତୀ ପ୍ରମୁଖ ଭାଷଣ ଦେଇ ସରକାରଙ୍କୁ ସମାଲୋଚନା କରିଥିଲେ।



ଚାଷୀମାନେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

## ଜିଲାପାଳଙ୍କୁ ଭେଟିଲେ ବ୍ଲକ ଅଧ୍ୟକ୍ଷା, ଉପାଧ୍ୟକ୍ଷ

ଭାପୁର, ୧୪।୧(ପ୍ରଭାତ ବରାଡ)

ନୟାଗଡ଼ ଜିଲା ଭାପୁର ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ପ୍ରଧାନଙ୍କ ନେତୃତ୍ୱରେ ଖଣ୍ଡପଡ଼ା ବ୍ଲକ ଅଧ୍ୟକ୍ଷା ଉପମା ବେହେରା ଓ ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ ନୟାଗଡ଼ ଜିଲାର ନୂତନ ଜିଲାପାଳ ମଧୁମିତା ରଥଙ୍କୁ ଭେଟିଛନ୍ତି। ଏହି ପରିପେକ୍ଷୀରେ ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀର ବିକାଶମୂଳକ ପ୍ରସଙ୍ଗ ସହ ଉନ୍ନୟନ ମୂଳକ କାର୍ଯ୍ୟ ଯୋଜନା କିଭଳି ଭାବରେ ତ୍ୱରାନ୍ୱିତ ହେବ ସେ ନେଇ ଆଲୋଚନା ହୋଇଥିବା ସୂଚନା ମିଳିଛି। ଜିଲାପାଳଙ୍କୁ ଭେଟି ପୁଷ୍ପଗୁଚ୍ଛ ଉତ୍ତରୀୟ ଓ ଫତେଗଡ ଶ୍ରୀରାମ ମନ୍ଦିରର ଫଟୋଚିତ୍ର ଦେଇ ସ୍ୱାଗତ ସମ୍ବର୍ଦ୍ଧନା କରିବା ସହିତ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିଥିଲେ।

## ଅପରେଶନ ପାଇଁ ପେଟ କାଟିଲେ | ଗୁରୁତର ଦର୍ଶାଇ ମହିଳାଙ୍କ ଷ୍ଟିଚ୍ କରିଦେଲେ

ନୟାଗଡ଼,୧୪।୧(ଲୋକନାଥ ମିଶ୍ର)

ନୟାଗଡ଼ ସହରର ଏକ ନର୍ସିଂ ହୋମ୍‌ରେ ଜଣେ ମହିଳାଙ୍କର ୟୁଟ୍ରସ୍ ଅପରେଶନ ପାଇଁ ପେଟ କାଟି ଗୁରୁତର ଦର୍ଶାଇ ଷ୍ଟିଚ୍ କରିଦେବା ପରେ ବିବାଦ ବଢ଼ିଛି। ଏନେଇ ନୟାଗଡ଼ ଟାଉନ ଥାନାରେ ଅଭିଯୋଗ ହେବା ପରେ ନଂ.୧୬/୨୬ରେ ପୋଲିସ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଛି।

ନୟାଗଡ଼ ସହର ଉପକଣ୍ଠ କଇଥଗାଡିଆ ଗାଁର ସ୍ୱର୍ଣ୍ଣଲତା ବେହେରାଙ୍କ ଅଭିଯୋଗ ଅନୁସାରେ ସେ ୟୁଟ୍ରସ୍ ଅପରେଶନ ପାଇଁ ନୟାଗଡ଼ ନବଜୀବନ କ୍ଲିନିକ୍‌କୁ ଆସିଥିଲେ। ତାଙ୍କର ଆବଶ୍ୟକ ପରୀକ୍ଷା ପରେ ଗତ ରବିବାର ଅପରେଶନ ହୋଇଥିଲା। ତେବେ ଗୁରୁତର ଦର୍ଶାଇ ଅପରେଶନ ନ କରି ଷ୍ଟିଚ୍ କରିଦେଲେ। ଅପରେଶନ ନ ହେବାରୁ ସ୍ୱର୍ଣ୍ଣଲତା ଅଭିଶପ୍ତ ଜୀବନଯାପନ ବିତାଉଛନ୍ତି। ତାଙ୍କ ସୂଚନା ଅନୁସାରେ ଯଦି ଅପରେଶନ କରିବାର ନ ଥିଲା ତେବେ ପେଟ କାଟି କାହିଁକି ଷ୍ଟିଚ କରାଗଲା। ଯଦି କିଛି ଗୁରୁତର ରୋଗ ଥିଲା ତେବେ ଅପରେଶନ କରୁଥିବା ଡାକ୍ତର କାହିଁକି ଏମ୍ଆରଆଇ ପରୀକ୍ଷା କରିବାକୁ ପରାମର୍ଶ ଦେଇ ନ ଥିଲେ। ଯଦି ରୋଗର ଚିକିତ୍ସା ଜାଣିନ ତେବେ ଅପରେଶନ ଅଧା କରି ବିପଦ ମୁହଁକୁ ଠେଲି ଦେବା କେତେଦୂର ଠିକ୍। ଘଟଣାର ଉପଯୁକ୍ତ ତଦନ୍ତ କରାଯିବା ସହ ମୁଁ ଯେପରି ସୁସ୍ଥ ହେବି ସେଥିପ୍ରତି ଗୁରୁତ୍ୱ ଦେବାକୁ ପ୍ରଶାସନକୁ ଅନୁରୋଧ କରିଛନ୍ତି।

ନବଜୀବନ କ୍ଲିନିକ୍ ପ୍ରୋପାଇଟର ପ୍ରଦୀପ୍ତ ନାୟକ କୁହନ୍ତି, ବ୍ଲଡ ରିପୋର୍ଟ, ଅଲଟ୍ରାସାଉଣ୍ଡ ରିପୋର୍ଟ, ଚକୋଲେଟ ଓଭାରୀ ସିଷ୍ଟ ପାଇଁ ସିଏଇପିଆଇ ରିପୋର୍ଟ ପରେ ବର୍ଣ୍ଣ ୟୁଟ୍ରସ୍ ଜଣାପଡିଥିଲା। ଅପରେଶନ କରିବା ପାଇଁ ଓଟିରେ ପେଟ କାଟିବା ପରେ ଛୁଆଘର ୟୁଟ୍ରସ୍ ଦେଖା ଯାଉନଥିଲା। ଅପରେଶନ କରିବା ବିପଦ ଜଣା ପଡିଥିଲା। ସମ୍ପୃକ୍ତ ରୋଗ ଔଷଧରେ ଭଲ ହେବାକୁ ଥିବାରୁ ଅପରେଶନ ନ କରି ଷ୍ଟିଚ କରିଦେଲୁ। ସମ୍ପୃକ୍ତ ମହିଳା ସୁସ୍ଥ ଅଛନ୍ତି। ଆମ କ୍ଲିନିକରେ ଚିକିତ୍ସିତ ହେଉଛନ୍ତି ବୋଲି ସେ କହିଛନ୍ତି। ତେବେ ସମ୍ପୃକ୍ତ ମହିଳା ଆମ ବିରୋଧରେ ବିଭିନ୍ନ ଅଭିଯୋଗ ଆଣୁଛନ୍ତି। ତେବେ ସେ ବାହାରେ ପରୀକ୍ଷଣ କଲେ ଆମେ କେତେ ସତ କେତେ ମିଥ୍ୟା କହୁଛୁ ଜଣାପଡିବ। ଆମକୁ ଅଯଥାରେ ଦୋଷ ଦେବା ଠିକ୍ ନୁହେଁ ବୋଲି ସେ କରିଛନ୍ତି।

## ଆଇନଜୀବୀଙ୍କ ପରଲୋକ

ନୟାଗଡ଼,୧୪।୧(ଲୋକନାଥ ମିଶ୍ର)



ନୟାଗଡ଼ର ଜଣାଶୁଣା ଆଇନଜୀବୀ ଅମୀୟ କୁମାର ପଟ୍ଟନାୟକ(୫୪)ଙ୍କର ବୁଧବାର ପରଲୋକ ହୋଇଯାଇଛି। ସେ ଜଣେ ମିଷ୍ଟଭାଷୀ, ପରୋପକାରୀ ବ୍ୟକ୍ତି ଥିଲେ। ନୟାଗଡ଼ ପୋକ୍ସୋ କୋର୍ଟ ଓ ଅତିରିକ୍ତ ଜିଲା ଦୌରାଜଜ୍‌ଙ୍କ କୋର୍ଟରେ ସେ ସରକାରୀ ଓକିଲ ଭାବେ ୧୬ ରୁ ଊର୍ଦ୍ଧ୍ୱ ବର୍ଷ ଧରି କାର୍ଯ୍ୟ କରିଥିଲେ। ମଙ୍ଗଳବାର କୋର୍ଟ ବାରରେ ଆଲୋଚନା ବେଳେ ଅସୁସ୍ଥତା ଅନୁଭବ କରିବାରୁ ଘରକୁ ଚାଲି ଯାଇଥିଲେ। ପରେ ଚିକିତ୍ସା ପାଇଁ ତାଙ୍କୁ ଭୁବନେଶ୍ୱର ଏମ୍ସରେ ଭର୍ତ୍ତି କରାଯାଇଥିଲା। ବୁଧବାର ପୂର୍ବାହ୍ନରେ ତାଙ୍କର ମୃତ୍ୟୁ ହୋଇଥିଲା। ମର ଶରୀର ନୟାଗଡ଼ କୋର୍ଟକୁ ଅଣାଯିବା ପରେ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା।

## ଲଡୁବାବାଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ, କଳସ ଯାତ୍ରା

ଶରଣକୁଳ,୧୪।୧(ଦୀପକ କର)

ଶରଣକୁଳ ଲଡୁବାବାଙ୍କ ସିଂହଦ୍ୱାର ସମ୍ମୁଖରେ ବିଶ୍ୱର କଲ୍ୟାଣ ଉଦ୍ଦେଶ୍ୟରେ ପଞ୍ଚଦିନ ବ୍ୟାପି ବିଶ୍ୱଶାନ୍ତି ମହାଯଜ୍ଞ ପବିତ୍ର ମାଘମାସ କୃଷ୍ଣ ଏକାଦଶୀ ତିଥି ବୁଧବାର ଆରମ୍ଭ ହୋଇଛି। ଯଜ୍ଞ ପ୍ରଥମ ସକାଳର ଶୁଭମୁହୂର୍ତ୍ତରେ ବହୁ ସଂଖ୍ୟାରେ ମହିଳା ପୁରୁଷ ଭକ୍ତ ଓ ସେବାୟତ କୁସୁମୀନଦୀରୁ ଜଳପୂର୍ଣ୍ଣ କଳସ ମୁଣ୍ଡରେ ରଖି ବାଦ୍ୟ ସଂକୀର୍ତ୍ତନ ସହ ହରିବୋଲ ଓ ହୁଳହୁଳୀ ଦେଇ କଳସ ଯାତ୍ରାରେ ଆସି ଯଜ୍ଞମଣ୍ଡପରେ ସ୍ଥାପନ କରିଥିଲେ। ପରେ ନିକଟବର୍ତ୍ତୀ ବ୍ରାହ୍ମଣ ଶାସନ ଗୁଡ଼ିକରୁ ନିମନ୍ତ୍ରିତ ୫୫ ଶ୍ରୋତ୍ରୀୟ ବ୍ରାହ୍ମଣ ହୋମକୁଣ୍ଡରେ ଅଗ୍ନି ସ୍ଥାପନ ପୂର୍ବକ ସହ ଯଜ୍ଞକାର୍ଯ୍ୟ ଆରମ୍ଭ କରିଥିଲେ। ଲଡୁବାବା ମନ୍ଦିର ସମସ୍ତ ସେବାୟତ ଉତ୍ସାହର ସହ ଏହି ଯଜ୍ଞ କାର୍ଯ୍ୟରେ ଅଂଶଗ୍ରହଣ କରିଥିଲେ। ଏହି ଯଜ୍ଞରେ ଆଚାର୍ଯ୍ୟ ଭାବେ ମନ୍ଦିର ପରିଚ୍ଛା ତୋଷବନ୍ତ କର ଏବଂ ପୁସ୍ତକ ଆଚାର୍ଯ୍ୟ ଭାବେ ସନ୍ତୋଷ ତ୍ରିପାଠୀ ହୋମକାର୍ଯ୍ୟ ଓ ଆହୁତି ପ୍ରଦାନ କରୁଛନ୍ତି। ଯଜ୍ଞ ମଣ୍ଡପର ଚତୁଃପାର୍ଶ୍ୱରେ ସଂକୀର୍ତ୍ତନ ମଣ୍ଡଳୀମାନଙ୍କ ଦ୍ୱାରା ନାମ ସଂକୀର୍ତ୍ତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ୧୮ତାରିଖ ତ୍ରିବେଣୀ ଅମାବାସ୍ୟା ସଂଧ୍ୟା ୫ଟାରେ ଏହି ମହାଯଜ୍ଞର ପର୍ଣ୍ଣାହୁତି ହେବ। ମନ୍ଦିର ସୁପରଭାଇଜର ସୁବାସ ଚନ୍ଦ୍ର ବରାଡ଼ଙ୍କ ସମେତ ସମସ୍ତ ସେବାୟତ ଓ ଯଜ୍ଞ କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।



କଳସ ଶୋଭାଯାତ୍ରା ।

## ପୂର୍ବ ଭାରତ ବିଜ୍ଞାନ, ଅଭିଯାନ୍ତ୍ରିକି ମେଳାରେ ଲୋପାମୁଦ୍ରାଙ୍କ ପ୍ରକଳ୍ପ

### ପ୍ରଦର୍ଶିତ ହେଲା ଜଳ ସଂରକ୍ଷଣ, ପରିଚାଳନା ପ୍ରକଳ୍ପ

ନୟାଗଡ଼,୧୪।୧ (ଲୋକାନାଥ ମିଶ୍ର)

ନୟାଗଡ଼ ଜିଲା ନୂଆଗାଁ ବ୍ଲକ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ନବମ ଶ୍ରେଣୀ ଛାତ୍ରୀ ଲୋପାମୁଦ୍ରା ପ୍ରଧାନଙ୍କ ଜଳ ସଂରକ୍ଷଣ ଏବଂ ପରିଚାଳନା ପ୍ରକଳ୍ପ ପୂର୍ବ ଭାରତ ବିଜ୍ଞାନ ଏବଂ ଅଭିଯାନ୍ତ୍ରିକି ମେଳାରେ କୋଲକାତାର ସ୍ଥାନ ପାଇଛି। ଗତ ଡିସେମ୍ବରରେ କେନ୍ଦୁଝରର ଡି.ଏନ.ହାଇସ୍କୁଲରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀରେ ଲୋପାମୁଦ୍ରାଙ୍କ ପ୍ରକଳ୍ପ କୋଲକାତା ପାଇଁ ମନୋନୀତ ହୋଇଥିଲା। ଗତ ୧୩ ରୁ ୧୫ ତାରିଖ ତିନିଦିନ ଧରି ପୂର୍ବ ଭାରତ ବିଜ୍ଞାନ ଏବଂ ଅଭିଯାନ୍ତ୍ରିକି ମେଳା କୋଲକାତାରେ ଚାଲୁଛି। ଲୋପାମୁଦ୍ରାଙ୍କ ସହ ନୟାଗଡ଼ ଜିଲା ବିଜ୍ଞାନ ନିରୀକ୍ଷକ ଶରତ କୁମାର ସାହୁ ଏବଂ କଳାହାଣ୍ଡି ଜିଲା ବିଜ୍ଞାନ ନିରୀକ୍ଷକ ଦୁଷ୍ମନ୍ତ ଶେଖର ପାଢ଼ୀ ଅଂଶ ଗ୍ରହଣ କରିଥିବା ବେଳେ ଗାଇଡ୍ ଶିକ୍ଷକ ଭାବେ ଦେବସ୍ମିତା ସାହୁ ଯୋଗ ଦେଇଛନ୍ତି। ଅନ୍ୟପକ୍ଷେ ଓଡ଼ିଶା, ପଶ୍ଚିମବଙ୍ଗ, ବିହାର, ଝାଡ଼ଖଣ୍ଡ ରାଜ୍ୟ ଏବଂ ଆଣ୍ଡାମାନ ନିକୋବର ଦୀପପୁଞ୍ଜର ମନୋନୀତ ପ୍ରତିଯୋଗୀମାନେ ନିଜ ନିଜର ବିଜ୍ଞାନ ମଡେଲ ଏବଂ ଚିନ୍ତାଧାରା ସହିତ କୋଲକାତାର ଅନୁଷ୍ଠିତ ଏହି ପୂର୍ବ ଭାରତ ବିଜ୍ଞାନ ମେଳାରେ ଭାଗ ନେଇଛନ୍ତି।




ମେଳାରେ ଲୋପାମୁଦ୍ରାଙ୍କ ପ୍ରଦର୍ଶିତ ପ୍ରକଳ୍ପ ।

## ଖଲିସାହି କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ | ତମାଣ୍ଡୋ କ୍ଲବ ଚାମ୍ପିୟନ

**ଖଣ୍ଡପଡ଼ା ୧୪।୧ (ଅଜୟ କୁମାର ମହାରଣା):** ଖଣ୍ଡପଡ଼ା ବ୍ଲକ ଖଲିସାହି ବଡ଼ ପଡ଼ିଆରେ ଚାଲିଥିବା ରାଜ୍ୟସ୍ତରୀୟ କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଖଲିସାହି ୟୁନାଇଟେଡ ସ୍ପୋର୍ଟସ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚରେ ବାଙ୍କି ପାୱାର କିଙ୍ଗକୁ ୯ ଉଇକେଟରେ ହରାଇ ତମାଣ୍ଡୋ କ୍ରିକେଟ କ୍ଲବ ଚାମ୍ପିୟନ ହୋଇଛି। ବାଙ୍କି ପାୱାର କିଙ୍ଗ ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇ ୧୮ ଓଭରରେ ସମସ୍ତ ଉଇକେଟ ହରାଇ ୧୪୩ରନ କରିଥିଲା। ଜବାବରେ ତମାଣ୍ଡୋ କ୍ରିକେଟ କ୍ଲବ ୧୧ ଓଭରରେ ଗୋଟିଏ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲା। ବିଜୟୀ ଦଳର ଗିରୀଶ ନାୟକ ୩୧ ବଲରୁ ୬ ଟି ଛକା ଓ ୧୨ ଟି ଚଉକା ସହାୟତାରେ ୮୯ ରନ ସଂଗ୍ରହ କରି ଶ୍ରେଷ୍ଠ ଖେଳାଳି ଭାବେ ବିବେଚିତ ହୋଇଥିଲେ। ଦୀପକ ରଞ୍ଜନ ସାହୁ ଓ ରବୀନ୍ଦ୍ର ନାରାୟଣ ମିଶ୍ର ଖେଳ ପରିଚାଳନା କରିଥିଲେ। ସମ୍ପାଦକ ଶରତ କୁମାର ସାହୁଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଖଣ୍ଡପଡା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ଭାପୁର ବ୍ଲକ ଉପାଧ୍ୟକ୍ଷ ବେଣୁଧର ପ୍ରଧାନ, ଭାଜପା ରାଜ୍ୟ ଯୁବମୋର୍ଚ୍ଚା ସଭାପତି ଅଭିଳାଷ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ।

(ପୂର୍ବ ପୃଷ୍ଠାର ଅବଶିଷ୍ଟାଂଶ)


| କ୍ରମିକ ନଂ. | ଖାତା ନଂ. | ପ୍ଲଟ ନଂ. | କିସମ | ପ୍ଲଟର ମୋଟ ରକବା | ଅଧିଗ୍ରହଣ ହେବାକୁ ଥିବା ଜମିର ରକବା | ରୟତଙ୍କ ନାମ |
|---|---|---|---|---|---|---|
| ୯୨ | ୬୧୧/୨୭୬୦ | ୯୨୮ | ଶାରଦ-୨ | ୦.୨୧୦ | ଏ.୦.୦୦୫ଡି | ବନଲତା ମହାନ୍ତି, ସ୍ୱା./-ପ୍ରଶାନ୍ତ କୁମାର ମହାନ୍ତି, ଜା:କରଣ, ବା:ପଟିଆ, ସସ୍ମିତା ମହାନ୍ତି, ସ୍ୱା:ସଞ୍ଜୟ କୁମାର ପାତ୍ର, ଜା:କରଣ, ବା:ଶହୀଦ ନଗର, ଭୁବନେଶ୍ୱର, ଶାଶ୍ୱତୀ ମହାନ୍ତି, ସ୍ୱା:ସତୀଶ ମହାନ୍ତି, ଜା:କରଣ, ବା:ସୋରୋ, ବାଲେଶ୍ୱର, ପ୍ରସନ୍ନ କୁମାର ମହାନ୍ତି, ପି:ବଂଶୀଧର ମହାନ୍ତି, ଜା:କରଣ, ବା:ପଟିଆ, ଥା-ଚନ୍ଦ୍ରଶେଖରପୁର, ଜି-ଖୋର୍ଦ୍ଧା, ଇତିଶ୍ରୀ ମହାନ୍ତି, ସ୍ୱା:ଭବାନୀ ଶଙ୍କର ମହାନ୍ତି, ତନୁଶ୍ରୀ ମହାନ୍ତି, ଲକ୍ଷ୍ମୀପ୍ରିୟା ମହାନ୍ତି, ପି:ଭବାନୀ ଶଙ୍କର ମହାନ୍ତି, ଜା:କରଣ, ବା:ପଟିଆ |
| ୯୩ | ୬୧୧/୩୫୩୭ | ୧୧୮୧ | ଶାରଦ-୧ | ୦.୨୦୯ | ଏ.୦.୨୦୯ | ତୃପ୍ତିମୟୀ ସିଂହ,ସ୍ୱା: ମନୋଜ କୁମାର ସିଂହ, ବା ଭୀମ-୧୦୦, ଶୈଳଶ୍ରୀ ବିହାର, ଚନ୍ଦ୍ରଶେଖରପୁର, ସୌମେନ୍ଦ୍ର ପ୍ରସାଦ ମହାନ୍ତି, ଅରବିନ୍ଦ ପ୍ରସାଦ ମହାନ୍ତି, ଧର୍ମେନ୍ଦ୍ର ପ୍ରସାଦ ମହାନ୍ତି, ଜନ୍ମେଜୟ ମହାନ୍ତି, ପି:ପ୍ୟାରିମୋହନ ମହାନ୍ତି, ବା:ପଟିଆ, ଥା-ଚନ୍ଦ୍ରଶେଖରପୁର, ଜି-ଖୋର୍ଦ୍ଧା |
| ୯୪ | ୬୧୧/୩୫୩୭ | ୧୧୮୧/୧୧୫୦୭ | ଘରବାରି | ୧.୪୯୧ | ଏ.୦.୦୩୦ | ତୃପ୍ତିମୟୀ ସିଂହ,ସ୍ୱା: ମନୋଜ କୁମାର ସିଂହ, ବା ଭୀମ-୧୦୦, ଶୈଳଶ୍ରୀ ବିହାର, ଚନ୍ଦ୍ରଶେଖରପୁର, ସୌମେନ୍ଦ୍ର ପ୍ରସାଦ ମହାନ୍ତି, ଅରବିନ୍ଦ ପ୍ରସାଦ ମହାନ୍ତି, ଧର୍ମେନ୍ଦ୍ର ପ୍ରସାଦ ମହାନ୍ତି, ଜନ୍ମେଜୟ ମହାନ୍ତି, ପି:ପ୍ୟାରିମୋହନ ମହାନ୍ତି, ବା:ପଟିଆ, ଥା-ଚନ୍ଦ୍ରଶେଖରପୁର, ଜି-ଖୋର୍ଦ୍ଧା |
| ୯୫ | ୬୧୧/୩୫୩୬ | ୧୧୮୨ | ଶାରଦ-୨ | ୦.୫୪୧ | ଏ.୦.୪୬୬ଡି | ତୃପ୍ତିମୟୀ ସିଂହ,ସ୍ୱା: ମନୋଜ କୁମାର ସିଂହ, ବା ଭୀମ-୧୦୦, ଶୈଳଶ୍ରୀ ବିହାର, ଚନ୍ଦ୍ରଶେଖରପୁର, ସୌମେନ୍ଦ୍ର ପ୍ରସାଦ ମହାନ୍ତି, ଅରବିନ୍ଦ ପ୍ରସାଦ ମହାନ୍ତି, ଧର୍ମେନ୍ଦ୍ର ପ୍ରସାଦ ମହାନ୍ତି, ଜନ୍ମେଜୟ ମହାନ୍ତି, ପି:ପ୍ୟାରିମୋହନ ମହାନ୍ତି, ବା:ପଟିଆ, ଥା-ଚନ୍ଦ୍ରଶେଖରପୁର, ଜି-ଖୋର୍ଦ୍ଧା |
